# WHAT IS TENSE CHART



## Tense Chart କ'ଣ ?

ଆମେ କଥାବାର୍ତ୍ତା ହେଲାବେଳେ ବିଭିନ୍ନ ସମୟ (କାଳ)ର କଥା କହୁ । ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଦେଖ ।

(a) ମୁଁ ଭାତ ଖାଏ ।

(b) ସରୋଜ ପୁରସ୍କାର ପାଇଲା ।

(c) ପଦ୍ମା ଆସନ୍ତାକାଲି ଆସିବ ।

ଏହି ତିନୋଟି ବାକ୍ୟକୁ ଦେଖିଲେ ଜାଣିପାରିବ ଯେ ପ୍ରଥମ ବାକ୍ୟଟି ବର୍ତ୍ତମାନ କଥା କହୁଛି । ଦ୍ୱିତୀୟ ବାକ୍ୟଟି ଅତୀତ କଥା କହୁଛି । ତୃତୀୟ ବାକ୍ୟଟି ଭବିଷ୍ୟତ କଥା କହୁଛି । ପ୍ରତ୍ୟେକ ବାକ୍ୟରେ ଗୋଟିଏ ଗୋଟିଏ କାମ ହେଉଛି । ସେସବୁ ଭିନ୍ନ ଭିନ୍ନ ସମୟରେ ହେଉଛି ବା ହେବ । ଏଣୁ ସେମାନଙ୍କୁ ସେମାନଙ୍କ ଉପଯୁକ୍ତ 'କାଳ' ବା 'ସମୟ' ବା 'Tense'ରେ ରଖିବାକୁ ହେବ । ଯଥା :

ମୁଁ ଭାତ ଖାଏ । – I eat rice. (Present Tense)

ସରୋଜ ପୁରସ୍କାର ପାଇଲା । – Saroj got a prize. (Past Tense)

ପଦ୍ମା ଆସନ୍ତାକାଲି ଆସିବ । – Padma will come tomorrow. (Presente Tense, Future Time)

ଏବେ ଆମେ Tense, Time, Aspect ବିଷୟରେ ଜାଣିବା । ଇଂରାଜୀରେ ଦୁଇଟି Tense (କାଳ) ଅଛି । ଯଥା :


(1) Present Tense (ବର୍ତ୍ତମାନ କାଳ)

(2) Past Tense (ଅତୀତ କାଳ)

କୌଣସି ଓଡ଼ିଆ ବାକ୍ୟର କ୍ରିୟା (Verb)ରେ ଏ, ନ୍ତ, ଛ, ବ ଲାଗିଲେ ତାହା Present Tense ହୁଏ । ଯଥା :

ସେ କ୍ରିକେଟ୍ ଖେଳେ । – He plays cricket.


ମୁଁ କାରଟିଏ କିଣିବି । – I shall buy a car.



ମୀରା ଗୀତଟିଏ ଗାଉଛି । – Meera is singing a song.

ମୋ ବାପା ସବୁବେଳେ ସତକଥା କହନ୍ତି । – My father always tells truth.

ସେହିପରି କୌଣସି ଓଡ଼ିଆ ବାକ୍ୟର କ୍ରିୟାରେ 'ଲ' ଲାଗିଲେ ତାହା Past Tense ହୁଏ । ଯଥା :




ଅମିୟ ଟିଭି ଦେଖିଲା । – Amiya watched TV.

ରୂପା ଗପଟିଏ କହିଲା । – Rupa told a story.

ଶୀଳା ଖାଦ୍ୟ ରୋଷେଇ କଲା । – Sheela cooked food.

smartedguide.com

ଇଂରାଜୀରେ ଦୁଇଟି Tense ଥିଲେ ବି ତିନୋଟି Time ଅଛି । ଯଥା :



(1) Present Time (ବର୍ତ୍ତମାନ ସମୟ)

(2) Past Time (ଅତୀତ ସମୟ)

(3) Future Time (ଭବିଷ୍ୟତ ସମୟ)

ଯେଉଁ ବାକ୍ୟ Past Tense ରେ ଅଛି, ତା'ର Time ମଧ୍ୟ Past । ମାତ୍ର ଯେଉଁ ବାକ୍ୟ Present Tense ରେ ଅଛି, ତାହା Presente Time କିମ୍ବା Future Time ହୋଇପାରେ । ଯଥା :

ମୁଁ ଆମ୍ବ ଖାଏ । – I eat mango. (Present Time)

ମୁଁ ଆମ୍ବ ଖାଇବି । – I shall eat mango. (Future Time)

ମୁଁ ଆମ୍ବ ଖାଇଲି । – I ate mango. (Past Time)



ପ୍ରତ୍ୟେକ Tense ଓ Time ରେ ୪ଟି Aspect ଅଛି । ଯଥା :

(1) Simple Aspect

(2) Progressive Aspect

(3) Perfect Aspect


(4) Perfect Progressive Aspect

Simple Aspect ଯଦି Present Tense ରେ ଲାଗେ ତାହା Present Simple Aspect ହୁଏ । ତାହା Past Tense ରେ ଲାଗିଲେ ତାହା Past Simple Aspect ହୁଏ । Future Time ରେ ଲାଗିଲେ ତାହା Future Simple Aspect ହୁଏ । ସେହିଭଳି ଅନ୍ୟ Aspectଗୁଡ଼ିକ ମଧ୍ୟ Present, Past, Future ରେ ଯୋଡ଼ାଯାଇ ପାରେ ।

ଓଡ଼ିଆ ବାକ୍ୟର କ୍ରିୟା (Verb)ରେ 'ଏ' ଲାଗିଲେ ତାହା Simple Aspect ହୁଏ । ଯଥା :

ପ୍ରିୟା ମିଠା ଖାଏ ।

Priya eats sweets.



ଓଡ଼ିଆ ବାକ୍ୟର କ୍ରିୟାରେ 'ଇ' ଲାଗିଲେ ତାହା Perfect Aspect ହୁଏ ।

ମୁଁ ସେଓ ଖାଇଛି ।

I have eaten apple.

ଓଡ଼ିଆ ବାକ୍ୟର କ୍ରିୟାରେ "ଇ + ଉ" ଲାଗିଲେ ତାହା Perfect Progressive Aspect ହୁଏ । ଯଥା :

ସେ ଏଠାରେ ପାଞ୍ଚବର୍ଷ ହେଲା ରହି ଆସୁଅଛି ।

He has been living here since five years.

ଏଠାରେ 'ରହି' ଶବ୍ଦ ଶେଷରେ 'ଇ' ଅଛି । 'ଆସୁ' ଶବ୍ଦ ଶେଷରେ 'ଉ' ଅଛି ।

Tense Chartକୁ ଯିବା ପୂର୍ବରୁ ଆମେ ଶବ୍ଦ (Word) ଓ ବାକ୍ୟ (Sentence) ବିଷୟରେ କିଛି ଜାଣିବା ଉଚିତ ।

smartedguide.com

## Word Construction (ଶବ୍ଦ ଗଠନ ଶୈଳୀ)

ଏକ ବା ଏକାଧିକ ଅକ୍ଷର (Letter) ମିଶି ଯଦି ଅର୍ଥ (Meaning) ପ୍ରକାଶ କରେ ତେବେ ତାହା ଶବ୍ଦ ହେବ । ଯଥା :

Man – ମ୍ୟାନ୍ – ମଣିଷ ।

Tree – ଟ୍ରି – ଗଛ ।

Father – ଫାଦର – ବାପା ।

a – ଏ – ଗୋଟିଏ ।



ଏଗୁଡ଼ିକ ଶବ୍ଦ ଅଟେ, କାରଣ ଏମାନଙ୍କର ଅର୍ଥ ଅଛି । ମାତ୍ର ନିମ୍ନଲିଖିତ ଶବ୍ଦବିନ୍ୟାସ ଦେଖ ।

anm, eert, htreaf

ଏଗୁଡ଼ିକ ଶବ୍ଦ (word) ନୁହଁନ୍ତି, କାରଣ ଏମାନଙ୍କର ଅର୍ଥ ନାହିଁ । କିନ୍ତୁ ଏମାନଙ୍କୁ ସଜାଡ଼ିଦେଲେ ଶବ୍ଦ ହେବ – man, tree, father ।


## Sentence Formation (ବାକ୍ୟ ଗଠନ ଶୈଳୀ)

ଏକ ବା ଏକାଧିକ ଶବ୍ଦ ମିଶି ଯଦି ପୂର୍ଣ୍ଣ ଅର୍ଥ ପ୍ରକାଶ କରନ୍ତି ତେବେ ତାହା ବାକ୍ୟ ପଦବାଚ୍ୟ ହେବ । ଯଥା :

I play cricket. – ମୁଁ କ୍ରିକେଟ୍ ଖେଳେ ।

Madhu has a car. – ମଧୁର କାରଟିଏ ଅଛି ।

Saloni will help me. – ସଲୋନି ମତେ ସାହାଯ୍ୟ କରିବ ।



ଉପରେ ଦିଆଯାଇଥିବା 'ସଂରଚନା'ଗୁଡ଼ିକ ବାକ୍ୟ ଅଟେ, କାରଣ ଏହାର ଅର୍ଥ ଅଛି ।
ମାତ୍ର ନିମ୍ନଲିଖିତ 'ସଂରଚନା'କୁ ଦେଖ ।

cricket play I.
a car has Madhu.
help will Saloni me.

ଏଗୁଡ଼ିକ ବାକ୍ୟ ହୋଇପାରିବ ନାହିଁ, କାରଣ ଏମାନଙ୍କର ଅର୍ଥ ନାହିଁ । ଆଉ ଗୋଟିଏ କଥା ଲକ୍ଷ୍ୟକର । ଓଡ଼ିଆରେ ବାକ୍ୟଟିଏ ହେଉଛି– "ମୁଁ କଟକ ଯାଏ ।" ଏହା ଇଂରାଜୀରେ "I go to Cuttack." ଏମିତି କାହିଁକି ? ଏଥିପାଇଁ Sentence pattern ଅଛି । ବାକ୍ୟଟିଏ ତିଆରି କରିବାକୁ ହେଲେ ଅତି କମ୍‌ରେ ଦୁଇଟି ଜିନିଷ ଦରକାର । ଯଥା : କର୍ତ୍ତା (Subject) ଓ କ୍ରିୟା (Verb) । ଯିଏ କାମଟି କରେ, ସିଏ କର୍ତ୍ତା । କର୍ତ୍ତା ଯାହା କରେ ତାହା କ୍ରିୟା ।

ନିମ୍ନଲିଖିତ Sentence patternଗୁଡ଼ିକ ଦେଖ ।


(a) Come – ଆସ । ଏଠାରେ Subject 'you' ଉହ୍ୟ ଅଛି । ଅର୍ଥାତ୍ ବାକ୍ୟଟି ହେଉଛି– You – Subject ଓ come – verb । Pattern ହେଉଛି– Subject + Verb (S + V) ।

(b) ଦ୍ୱିତୀୟ pattern ହେଉଛି S + V + O । ଏଠାରେ 'O' ଅର୍ଥ Object (କର୍ମ) । ଏହା 'କ'ଣ' ଶବ୍ଦର ଉତ୍ତର ଦିଏ । ଯଥା :

smarteduguide.com

I eat rice. – ମୁଁ ଭାତ ଖାଏ ।
S V O

He plays cricket. – ସେ କ୍ରିକେଟ୍ ଖେଳେ ।
S V O




କ'ଣ ଖାଏ ? – ଭାତ (rice)

କ'ଣ ଖେଳେ ? – କ୍ରିକେଟ୍ (cricket)

(c) ତୃତୀୟ pattern ହେଉଛି S + V + O + O । ଏଠାରେ ଦୁଇଟି Object ଅଛି । ଗୋଟିଏ କ'ଣ ର ଉତ୍ତର ଦିଏ । ଅନ୍ୟଟି 'କାହାକୁ'ର ଉତ୍ତର ଦିଏ ।

He gave me a book. – ସେ ମୋତେ ବହିଟିଏ ଦେଲେ ।
S V O O

Mother told us a story. – ମାଆ ଆମକୁ ଗପଟିଏ କହିଲେ ।
S V O O



କାହାକୁ ଦେଲେ – ମୋତେ (me)

କ'ଣ ଦେଲେ – ବହିଟିଏ (a book)

କାହାକୁ କହିଲେ – ଆମକୁ (us)

କ'ଣ କହିଲେ – ଗପଟିଏ (a story)

(d) ଚତୁର୍ଥ pattern – S + V + C । ଏଠାରେ 'C' ହେଉଛି complement, ବାକ୍ୟର ଏକ ସହାୟକ ଅଙ୍ଗ ଯାହା ବିନା ବାକ୍ୟ ପୂର୍ଣ୍ଣ ଅର୍ଥ ପ୍ରକାଶ କରିପାରିବ ନାହିଁ । ଯଥା –

He is a doctor. – ସେ ଜଣେ ଡାକ୍ତର ।
S V C

The book is on the table. – ବହିଟି ଟେବୁଲ ଉପରେ ଅଛି ।
S V C



(e) ପଞ୍ଚମ pattern ହେଉଛି S + V + O + C । ଯଥା :

They elected me leader. – ସେମାନେ ମତେ ନେତା ବାଛିଲେ ।
S V O C

We made him monitor. – ଆମେ ତାଙ୍କୁ ମନିଟର କଲୁ ।
S V O C

(f) ଷଷ୍ଠ pattern ହେଉଛି – S + V + A । ଏଠାରେ 'A' ହେଉଛି Adjunct, ଏକ ଅଦରକାରୀ, extra ଅଂଶ । ଯଥା :

He returned home at night. – ସେ ରାତିରେ ଘରକୁ ଫେରିଲା ।

I saw a tiger in the zoo. – ମୁଁ ଚିଡ଼ିଆଖାନାରେ ବାଘଟିଏ ଦେଖିଲି ।

ଏଠାରେ 'at night' ଓ 'in the zoo' adjunct ଅଟେ, କାରଣ ଏହାକୁ ବାକ୍ୟରୁ ବାଦ୍‌ଦେଲେ ବାକ୍ୟର ଅର୍ଥରେ କିଛି ଫରକ ପଡ଼ିବ ନାହିଁ କିମ୍ବା ବାକ୍ୟର ଗୁରୁତ୍ୱ ହ୍ରାସ ହେବ ନାହିଁ ।

smartedugude.com

ଏବେ **Tense Chart** ବିଷୟରେ ଜାଣିବା



## TENSE

| Present Tense | Past Tense | Present Tense |
|---|---|---|
| **Present Time** | **Past Time** | **Future Time** |
| 1. Present Simple | 1. Past Simple | 1. Future Simple |
| 2. Present Progressive | 2. Past Progressive | 2. Future Progressive |
| 3. Present Perfect | 3. Past Perfect | 3. Future Perfect |
| 4. Present Perfect Progressive | 4. Past Perfect Progressive | 4. Future Perfect Progressive |

## PRESENT TENSE

| Present Simple | Present Progressive | Present Perfect | Present Perfect Progressive |
|---|---|---|---|
| ମୁଁ ଯାଏ। | ମୁଁ ଯାଉଛି। | ମୁଁ ଯାଇଛି। | ମୁଁ ଯାଇଆସୁଅଛି। |
| I go. | I am going. | I have gone. | I have been going. |
| ଆମେ ଯାଉ। | ଆମେ ଯାଉଛୁ। | ଆମେ ଯାଇଛୁ। | ଆମେ ଯାଇଆସୁଅଛୁ। |
| We go. | We are going. | We have gone. | We have been going. |
| ତୁମେ ଯାଅ। | ତୁମେ ଯାଉଛ। | ତୁମେ ଯାଇଛ। | ତୁମେ ଯାଇଆସୁଅଛ। |
| You go. | You are going. | You have gone. | You have been going. |
| ତୁମେମାନେ ଯାଅ। | ତୁମେମାନେ ଯାଉଛ। | ତୁମେମାନେ ଯାଇଛ। | ତୁମେମାନେ ଯାଇଆସୁଅଛ। |
| You go. | You are going. | You have gone. | You have been going. |
| ସେ ଯାଏ। | ସେ ଯାଉଛି। | ସେ ଯାଇଛି। | ସେ ଯାଇଆସୁଅଛି। |
| He goes. | He is going. | He has gone. | He has been going. |
| (She goes.) | (She is going.) | (She has gone.) | (She has been going.) |
| ସେମାନେ ଯାଆନ୍ତି। | ସେମାନେ ଯାଉଛନ୍ତି। | ସେମାନେ ଯାଇଛନ୍ତି। | ସେମାନେ ଯାଇଆସୁଅଛନ୍ତି। |
| They go. | They are going. | They have gone. | They have been going. |

## PAST TENSE

| Past Simple | Past Progressive | Past Perfect | Past Perfect Progressive |
|---|---|---|---|
| ମୁଁ ଗଲି। | ମୁଁ ଯାଉଥିଲି। | ମୁଁ ଯାଇଥିଲି। | ମୁଁ ଯାଇଆସୁଥିଲି। |
| I went. | I was going. | I had gone. | I had been going. |

smarteduguide.com

| Past Simple | Past Progressive | Past Perfect | Past Perfect Progressive |
|---|---|---|---|
| ଆମେ ଗଲୁ । | ଆମେ ଯାଉଥିଲୁ । | ଆମେ ଯାଇଥିଲୁ । | ଆମେ ଯାଇଆସୁଥିଲୁ । |
| We went. | We were going. | We had gone. | We had been going. |
| ତୁମେ ଗଲ । | ତୁମେ ଯାଉଥିଲ । | ତୁମେ ଯାଇଥିଲ । | ତୁମେ ଯାଇଆସୁଥିଲ । |
| You went. | You were going. | You had gone. | You had been going. |
| ତୁମେମାନେ ଗଲ । | ତୁମେମାନେ ଯାଉଥିଲ । | ତୁମେମାନେ ଯାଇଥିଲ । | ତୁମେମାନେ ଯାଇଆସୁଥିଲ । |
| You went. | You were going. | You had gone. | You had been going. |
| ସେ ଗଲା । | ସେ ଯାଉଥିଲା । | ସେ ଯାଇଥିଲା । | ସେ ଯାଇଆସୁଥିଲା । |
| He/She went. | He/She was going. | He/She had gone. | He/She had been going. |
| ସେମାନେ ଗଲେ । | ସେମାନେ ଯାଉଥିଲେ । | ସେମାନେ ଯାଇଥିଲେ । | ସେମାନେ ଯାଇଆସୁଥିଲେ । |
| They went. | They were going. | They had gone. | They had been going. |

## FUTURE TIME

| Future Simple [Future Time Type-I] | Future Progressive [Future Time Type-II] | Future Perfect [Future Time Type-III] | Future Perfect Progressive [Future Time Type-IV] |
|---|---|---|---|
| ମୁଁ ଯିବି । | ମୁଁ ଯାଉଥିବି । | ମୁଁ ଯାଇଥିବି । | ମୁଁ ଯାଇଆସୁଥିବି । |
| I shall go. | I shall be going. | I shall have gone. | I shall have been going. |
| ଆମେ ଯିବୁ । | ଆମେ ଯାଉଥିବୁ । | ଆମେ ଯାଇଥିବୁ । | ଆମେ ଯାଇଆସୁଥିବୁ । |
| We shall go. | We shall be going. | We shall have gone. | We shall have been going. |
| ତୁମେ ଯିବ । | ତୁମେ ଯାଉଥିବ । | ତୁମେ ଯାଇଥିବ । | ତୁମେ ଯାଇଆସୁଥିବ । |
| You will go. | You will be going. | You will have gone. | You will have been going. |
| ତୁମେମାନେ ଯିବ । | ତୁମେମାନେ ଯାଉଥିବ । | ତୁମେମାନେ ଯାଇଥିବ । | ତୁମେମାନେ ଯାଇଆସୁଥିବ । |
| You will go. | You will be going. | You will have gone. | You will have been going. |
| ସେ ଯିବ । | ସେ ଯାଉଥିବ । | ସେ ଯାଇଥିବ । | ସେ ଯାଇଆସୁଥିବ । |
| He/She will go. | He/She will be going | He/She will have gone. | He/She will have been going. |
| ସେମାନେ ଯିବେ । | ସେମାନେ ଯାଉଥିବେ । | ସେମାନେ ଯାଇଥିବେ । | ସେମାନେ ଯାଇଆସୁଥିବେ । |
| They will go. | They will be going. | They will have gone. | They will have been going. |

ଏଠାରେ 'go' verbକୁ ନେଇ Tense Chart କରାଯାଇଛି । 'go' verb ପରିବର୍ତ୍ତେ ଆବଶ୍ୟକତାକୁ ଚାହିଁ ଅନ୍ୟ verb ନେଇ Tense Chart କରାଯାଇପାରେ । ଯଥା :

ମୁଁ ଯାଉଅଛି । – I am going.

ମୁଁ ଖାଉଅଛି । – I am eating.

ମୁଁ ନାଚୁଅଛି । – I am dancing.



smarteduguide.com

Tenseର ସଫଳ ପ୍ରୟୋଗ ପାଇଁ କେତୋଟି ବହୁଳ ବ୍ୟବହୃତ verb ଓ ସେମାନଙ୍କର present, past, past participle ରୂପ ଜାଣିବା ଜରୁରୀ । ନିମ୍ନଲିଖିତ ସାରଣୀ ଦେଖ ।

| Present | ଉଚ୍ଚାରଣ | ଅର୍ଥ | Past | Past Participle |
|---|---|---|---|---|
| go | ଗୋ | ଯିବା | went | gone |
| eat | ଇଟ୍ | ଖାଇବା | ate | eaten |
| play | ପ୍ଲେ | ଖେଳିବା | played | played |
| sing | ସିଙ୍ଗ୍ | ଗାଇବା | sang | sung |
| make | ମେକ୍ | ତିଆରି କରିବା | made | made |
| laugh | ଲାଫ୍ | ହସିବା | laughed | laughed |
| take | ଟେକ୍ | ନେବା | took | taken |
| read | ରିଡ୍ | ପଢ଼ିବା | read | read |
| teach | ଟିଚ୍ | ପଢ଼ାଇବା | taught | taught |
| learn | ଲର୍ଣ୍ଣ | ଶିଖିବା | learnt | learnt |
| buy | ବାଏ | କିଣିବା | bought | bought |
| bring | ବ୍ରିଙ୍ଗ୍ | ଆଣିବା | brought | brought |
| say | ସେ | କହିବା | said | said |
| speak | ସ୍ପିକ୍ | କହିବା | spoke | spoken |
| tell | ଟେଲ୍ | କହିବା | told | told |
| help | ହେଲ୍ପ୍ | ସାହାଯ୍ୟ କରିବା | helped | helped |
| advise | ଆଡ୍‌ଭାଇଜ୍ | ଉପଦେଶ ଦେବା | advised | advised |
| work | ୱାର୍କ | କାମ କରିବା | worked | worked |
| walk | ୱାକ୍ | ଚାଲିବା | walked | walked |
| wash | ୱାସ୍ | ସଫା କରିବା | washed | washed |
| talk | ଟକ୍ | ଗପିବା | talked | talked |
| touch | ଟଚ୍ | ଛୁଇଁବା | touched | touched |
| come | କମ୍ | ଆସିବା | came | came |
| keep | କିପ୍ | ରଖିବା | kept | kept |
| ask | ଆସ୍କ | ପଚାରିବା | asked | asked |
| build | ବିଲ୍ଡ୍ | ତିଆରି କରିବା | built | built |

smarteduguide.com

| Present | ଉଚ୍ଚାରଣ | ଅର୍ଥ | Past | Past Participle |
|---|---|---|---|---|
| call | କଲ୍ | ଡାକିବା | called | called |
| dream | ଡ୍ରିମ୍ | ସ୍ୱପ୍ନ ଦେଖିବା | dreamt | dreamt |
| feed | ଫିଡ୍ | ଖୁଆଇବା | fed | fed |
| put | ପୁଟ୍ | ରଖିବା | put | put |
| cut | କଟ୍ | କାଟିବା | cut | cut |
| feel | ଫିଲ୍ | ଅନୁଭବ କରିବା | felt | felt |
| take | ଟେକ୍ | ନେବା | took | taken |
| steal | ଷ୍ଟିଲ୍ | ଚୋରି କରିବା | stole | stolen |
| spell | ସ୍ପେଲ୍ | ବନାନ କରିବା | spelt | spelt |
| hold | ହୋଲ୍ଡ୍ | ଧରିବା | held | held |
| shut | ସଟ୍ | ବନ୍ଦ କରିବା | shut | shut |
| ring | ରିଙ୍ଗ୍ | ବଜାଇବା | rang | rung |
| leave | ଲିଭ୍ | ତ୍ୟାଗ କରିବା | left | left |
| smoke | ସ୍ମୋକ୍ | ଧୂମପାନ କରିବା | smoked | smoked |
| drink | ଡ୍ରିଙ୍କ୍ | ପିଇବା | drank | drunk |
| sell | ସେଲ୍ | ବିକିବା | sold | sold |
| hope | ହୋପ୍ | ଆଶା କରିବା | hoped | hoped |
| begin | ବିଗିନ୍ | ଆରମ୍ଭ କରିବା | began | begun |
| drive | ଡ୍ରାଇଭ୍ | ଚଳାଇବା | drove | driven |
| hide | ହାଇଡ୍ | ଲୁଚାଇବା | hid | hidden |
| hurt | ହର୍ଟ | ଆଘାତ ଦେବା | hurt | hurt |
| know | ନୋ | ଜାଣିବା | knew | known |
| choose | ଚୁଜ୍ | ବାଛିବା | chose | chosen |
| do | ଡୁ | କରିବା | did | done |
| catch | କ୍ୟାଚ୍ | ଧରିବା | caught | caught |
| break | ବ୍ରେକ୍ | ଭାଙ୍ଗିବା | broken | broken |
| see | ସି | ଦେଖିବା | saw | seen |
| send | ସେଣ୍ଡ୍ | ପଠାଇବା | sent | sent |

smarteduguide.com

| Present | ଉଚ୍ଚାରଣ | ଅର୍ଥ | Past | Past Participle |
|---|---|---|---|---|
| sit | ସିଟ୍ | ବସିବା | sat | sat |
| ride | ରାଇଡ୍ | ଚଲାଇବା | rode | ridden |
| climb | କ୍ଲାଇମ୍ | ଚଢ଼ିବା | climbed | climbed |
| meet | ମିଟ୍ | ଭେଟିବା | met | met |
| swim | ସୁଇମ୍ | ପହଁରିବା | swam | swum |
| draw | ଡ୍ର | ଟାଣିବା | drew | drawn |
| dig | ଡିଗ୍ | ଖୋଳିବା | dug | dug |
| hit | ହିଟ୍ | ଆଘାତ ଦେବା | hit | hit |
| burn | ବର୍ଣ୍ଣ | ପୋଡ଼ିବା | burnt | burnt |
| rise | ରାଇଜ୍ | ଉଠିବା | rose | risen |
| pay | ପେ | ଦେବା | paid | paid |
| give | ଗିଭ୍ | ଦେବା | gave | given |
| bite | ବାଇଟ୍ | କାମୁଡ଼ିବା | bit | bitten |
| lie | ଲାଇ | ମିଛ କହିବା | lied | lied |
| lay | ଲେ | ପଡ଼ିରହିବା | laid | laid |
| flow | ଫ୍ଲୋ | ବହିବା (ନଦୀ) | flowed | flowed |
| blow | ବ୍ଲୋ | ବହିବା (ପବନ) | blowed | blown |
| accept | ଆକ୍‌ସେପ୍ଟ | ଗ୍ରହଣ କରିବା | accepted | accepted |
| search | ସର୍ଚ୍ଚ | ଖୋଜିବା | searched | searched |
| stand | ଷ୍ଟାଣ୍ଡ | ଛିଡ଼ା ହେବା | stood | stood |
| describe | ଡେସ୍କ୍ରାଇବ୍ | ବର୍ଣ୍ଣନା କରିବା | described | described |
| awake | ଆୱେକ୍ | ନିଦରୁ ଉଠାଇବା | awoke | awaken |
| become | ବିକମ୍ | ହେବା | became | became |
| forgive | ଫରଗିଭ୍ | କ୍ଷମା କରିବା | forgave | forgiven |
| forget | ଫରଗେଟ୍ | ଭୁଲିବା | forgot | forgotten |
| get | ଗେଟ୍ | ପାଇବା | got | got |
| clean | କ୍ଲିନ୍ | ସଫା କରିବା | cleaned | cleaned |
| think | ଥିଙ୍କ୍ | ଭାବିବା | thought | thought |

smartedguide.com

| Present | ଉଚ୍ଚାରଣ | ଅର୍ଥ | Past | Past Participle |
|---|---|---|---|---|
| watch | ୱାଚ୍ | ଜଗିବା | watched | watched |
| question | କୋଶ୍ଚିନ୍ | ପ୍ରଶ୍ନ ପଚାରିବା | questioned | questioned |
| answer | ଆନ୍‌ସର୍ | ଉତ୍ତର ଦେବା | answered | answered |
| show | ସୋ | ପ୍ରଦର୍ଶନ କରିବା | showed | showed |
| enjoy | ଏନ୍‌ଜୟ | ଉପଭୋଗ କରିବା | enjoyed | enjoyed |
| wear | ୱେଆର୍ | ପିନ୍ଧିବା | wore | worn |
| find | ଫାଇଣ୍ଡ | ପାଇବା | found | found |
| fall | ଫଲ୍ | ପଡ଼ିବା | fell | fallen |
| order | ଅର୍ଡ଼ର | ଆଦେଶ ଦେବା | ordered | ordered |
| advise | ଆଡ଼ଭାଇଜ୍ | ଉପଦେଶ ଦେବା | advised | advised |
| open | ଓପନ୍ | ଖୋଲିବା | opened | opened |
| kill | କିଲ୍ | ହତ୍ୟା କରିବା | killed | killed |
| dance | ଡ୍ୟାନ୍‌ସ | ନାଚିବା | danced | danced |
| use | ଇୟୁଜ୍ | ବ୍ୟବହାର କରିବା | used | used |
| write | ରାଇଟ୍ | ଲେଖିବା | wrote | written |
| sleep | ସ୍ଲିପ୍ | ଶୋଇବା | slept | slept |
| imagine | ଇମାଜିନ୍ | କଳ୍ପନା କରିବା | imagined | imagined |
| plough | ପ୍ଲାଓ | ହଳ କରିବା | ploughed | ploughed |
| connect | କନେକ୍ଟ | ଯୋଡ଼ିବା | connected | connected |
| quarrel | କ୍ୱାରେଲ୍ | ଝଗଡ଼ା କରିବା | quarrelled | quarrelled |
| invite | ଇନ୍‌ଭାଇଟ୍ | ନିମନ୍ତ୍ରଣ କରିବା | invited | invited |
| sink | ସିଙ୍କ୍ | ବୁଡ଼ିଯିବା | sank | sunk |
| light | ଲାଇଟ୍ | ଆଲୋକ ଦେବା | lighted | lighted |
| destroy | ଡେସ୍‌ଟ୍ରୟ | ଧ୍ୱଂସ କରିବା | destroyed | destroyed |
| carry | କ୍ୟାରି | ବହନ କରିନେବା | carried | carried |
| hang | ହ୍ୟାଙ୍ଗ୍ | ଝୁଲାଇବା | hung | hung |
| abide | ଆବାଇଡ୍ | ପାଳନ କରିବା | abode | abode |
| jump | ଜମ୍ପ୍ | ଡେଇଁବା | jumped | jumped |

smartedguide.com

| Present | ଉଚ୍ଚାରଣ | ଅର୍ଥ | Past | Past Participle |
|---|---|---|---|---|
| collect | କଲେକ୍ଟ୍ | ସଂଗ୍ରହ କରିବା | collected | collected |
| stop | ଷ୍ଟପ୍ | ଅଟକିବା | stopped | stopped |
| resume | ରିଜ୍ୟୁମ୍ | ପୁଣି ଆରମ୍ଭ କରିବା | resumed | resumed |
| force | ଫୋର୍ସ | ବାଧ୍ୟ କରିବା | forced | forced |
| bear | ବିଅର୍ | ସହ୍ୟ କରିବା | bore | born |
| spend | ସ୍ପେଣ୍ଡ୍ | ବ୍ୟୟ କରିବା | spent | spent |
| create | କ୍ରିଏଟ୍ | ସୃଷ୍ଟି କରିବା | created | created |
| fly | ଫ୍ଲାଏ | ଉଡ଼ିବା | flew | flown |
| appear | ଆପିଅର | ଦେଖାଦେବା | appeared | appeared |
| cheat | ଚିଟ୍ | ଠକିବା | cheated | cheated |
| shout | ସାଉଟ୍ | ଚିତ୍କାର କରିବା | shouted | shouted |
| invite | ଇନ୍‌ଭାଇଟ୍ | ନିମନ୍ତ୍ରଣ କରିବା | invited | invited |
| join | ଜଏନ୍ | ଯୋଡ଼ିବା | joined | joined |
| attend | ଆଟେଣ୍ଡ୍ | ଯୋଗଦେବା | attended | attended |
| spread | ସ୍ପ୍ରେଡ୍ | ବ୍ୟାପିବା | spread | spread |
| spend | ସ୍ପେଣ୍ଡ୍ | ଖର୍ଚ୍ଚ କରିବା | spent | spent |
| arrest | ଆରେଷ୍ଟ | ଗିରଫ କରିବା | arrested | arrested |
| worship | ଓରସିପ୍ | ପୂଜା କରିବା | worshipped | worshipped |
| acquire | ଆକ୍ୱେୟାର୍ | ଅଧିକାର କରିବା | acquired | acquired |
| protest | ପ୍ରୋଟେଷ୍ଟ | ପ୍ରତିବାଦ କରିବା | protested | protested |

ଏବେ ଆମେ Tense, Time, Aspect, Word, Sentence, Verbମାନଙ୍କ ବିଷୟରେ କିଛି ଜାଣିଲେଣି । ତୁମେମାନେ ଏଥିରୁ କ'ଣ ଜାଣିଲ, କ'ଣ ବୁଝିଲ ଜାଣିବା ପାଇଁ ନିମ୍ନରେ କିଛି ପ୍ରଶ୍ନ ପଚରାଯାଇଛି ।

## WORK FOR YOU (ତୁମ ପାଇଁ କାମ)

1. Tense କେତେ ପ୍ରକାର ?
2. Time କେତେ ପ୍ରକାର ?
3. Aspect କେତେ ପ୍ରକାର ?
4. "Sita reads English." – ଏହି ବାକ୍ୟର Tense, Time, Aspect କୁହ ।




smartedguide.com

5. "Cooks my mother food." – ଏହା ଏକ ବାକ୍ୟ (sentence) ହେବ କି ? କାରଣ ଦର୍ଶାଅ ।

6. 'GOD' ଶବ୍ଦକୁ ଓଲଟାଇ ଲେଖିଲେ ଯେଉଁ ନୂଆ ଶବ୍ଦ ହେବ ତାହା କ'ଣ ?



7. 'yob' ଏକ ଶବ୍ଦ କି ? ଯଦି ନା, କାହିଁକି କୁହ ।

8. "imet, tmei, tiem, time" – ଉପରୋକ୍ତ ମଧ୍ୟରୁ କେଉଁଟି word ଅଟେ ?

9. 'sing'ର past participle form କ'ଣ ?

10. 'catch'ର past tense form କ'ଣ ?

11. **ନିମ୍ନରେ କିଛି ଶବ୍ଦର letterଗୁଡ଼ିକ ଓଲଟପାଲଟ ହୋଇ ଅଛି । ସେଗୁଡ଼ିକୁ ସଜାଇ ଲେଖ ।**

eisw, rehe, krow, leph, arni, ylug, tmigh, atchw, maed, oulwd, thfaer, deolm, yerv, dah

12. **Fill in the blanks. (ଶୂନ୍ୟସ୍ଥାନ ପୂରଣ କର ।)**

h_ppy, m_n_y, m_th_r, m_bil_, p_n, br__k, or_ng_, t__cher, h__se, cy_le

13. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ସଜାଇ ବାକ୍ୟ ଗଠନ କର ।



(a) cooking, mother, is, food
(b) school, I, everyday, to, go
(c) subject, is, good, a, English
(d) fruit, is, sweet, mango
(e) can't, man, in the sky, fly
(f) water, in, lives, fish
(g) lake, Chilika, beautiful, is a
(h) your, name, is, what ?
(i) name, your, me, tell
(j) everywhere, is, god

smarteduguide.com

14. ନିମ୍ନଲିଖିତ ବାକ୍ୟଗୁଡ଼ିକର **pattern** ବାଛ ।



(a) Sita is a simple girl.
(b) Do you know Hindi ?
(c) I am reading English now.
(d) Who told you this story ?
(e) He returned home last night.
(f) I have seen Konark many times.
(g) Shall I do this work ?
(h) Father goes to office at 10 a.m.
(i) I eat rice everyday.
(j) You should respect your elders.

**15.** ନିମ୍ନଲିଖିତ ବାକ୍ୟଗୁଡ଼ିକ **Tense, Time, Aspect** ଦର୍ଶାଅ ।

(a) The sun rises in the east.

(b) The oldman died last night.

(c) Tomorrow is Sunday.

(d) I have helped him many times.

(e) They were playing in the field.


(f) You know my friend well.

(g) When will they return ?

(h) I am going to start a business soon.

(i) The man did not come to my house.

(j) They had completed the work in time.



**16.** **Do as directed.** (ନିର୍ଦ୍ଦେଶ ଅନୁସାରେ କାମ କର ।)

(a) I saw a tiger. (Change into perfect aspect)

(b) Meera is reading English. (Change into past progressive)

(c) You are a singer. (Change into past tense)

(d) I don't know you. (Change into past tense)


(e) He has a dog. (Change into past)

(f) I like the picture. (Change into past)

(g) When will he come ? (Change into past)

(h) You are watching TV. (Change into past progressive)

(i) Do you play cricket ? (Change into past)









smarteduguide.com

## CHAPTER-2

# SENTENCE

ଆଗରୁ ଆମେ ଜାଣିଛେ ଯେ ଏକ ବା ଏକାଧିକ ଶବ୍ଦକୁ ନେଇ ଗଠିତ Structure ଯଦି ଅର୍ଥ ପ୍ରକାଶ କରେ, ତାହା ବାକ୍ୟ ଅଟେ । ଯେମିତିକି "I have a pen." । ଏହା ଏକ ବାକ୍ୟ । ଏଠାରେ ଆମେ ବାକ୍ୟର ପ୍ରକାରଭେଦ ଜାଣିବା ।

## Type of Sentences (ବାକ୍ୟର ପ୍ରକାରଭେଦ)



(1) Assertive or Declarative (ଅସ୍ତିବାଚକ ବା ନାସ୍ତିବାଚକ)


(2) Imperative (ଆଦେଶ, ଅନୁରୋଧମୂଳକ ବାକ୍ୟ)

(3) Interrogative (ପ୍ରଶ୍ନସୂଚକ ବାକ୍ୟ)

(4) Exclamatory (ବିସ୍ମୟସୂଚକ ବାକ୍ୟ)

**(1) Assertive Sentence :**

ଏଭଳି ବାକ୍ୟ କିଛି ନା କିଛି ତଥ୍ୟ ଘୋଷଣା କରେ । ତାହା 'ହଁ' ବା 'ନା'ରେ ଉତ୍ତର ଦିଆଯାଇ ପାରେ । ଯଥା :



I read English. – ମୁଁ ଇଂରାଜୀ ପଢ଼େ ।

You don't eat sweets. – ତୁମେ ମିଠା ଖାଅ ନାହିଁ ।

Payal sings Odishi. – ପାୟଲ ଓଡ଼ିଶୀ ଗାଏ ।

Bablu didn't help me. – ବବ୍‌ଲୁ ମତେ ସାହାଯ୍ୟ କଲା ନାହିଁ ।

**(2) Imperative Sentence :**

ଏଭଳି ବାକ୍ୟ ଆଦେଶ, ଅନୁରୋଧ, ଉପଦେଶ ପ୍ରଦାନ କରେ । ଯଥା :



Come here. – ଏଠିକି ଆସ ।

Don't shout. – ଚିତ୍କାର କର ନାହିଁ ।

Please help me. – ଦୟାକରି ମତେ ସାହାଯ୍ୟ କର ।

Let's go home. – ଚାଲ ଘରକୁ ଯିବା ।

Speak the truth. – ସତ କୁହ ।

**(3) Interrogative Sentence :**

ଏଭଳି ବାକ୍ୟ ପ୍ରଶ୍ନ ପଚାରିଥାଏ ଓ ଉତ୍ତରକୁ ଅପେକ୍ଷା ରଖେ । ଏହା Yes-No type question କିମ୍ବା Wh-type question ହୋଇପାରେ । ନିମ୍ନଲିଖିତ ବାକ୍ୟକୁ ଦେଖ ।

smarteduguide.com

Are you a teacher ? – ତୁମେ କ'ଣ ଜଣେ ଶିକ୍ଷକ ?


Have you seen Konark ? – ତୁମେ କୋଣାର୍କ ଦେଖିଛ କି ?

Shall I help you ? – ମୁଁ ତୁମକୁ ସାହାଯ୍ୟ କରିବି କି ?

Who killed Ravana ? – କିଏ ରାବଣକୁ ମାରିଲା ?

Where did you get it ? – ତୁମେ ଏଇଟାକୁ କେଉଁଠୁ ପାଇଲ ?

What shall I do now ? – ମୁଁ ଏବେ କ'ଣ କରିବି ?



**(4) Exclamatory Sentence :**


ଏହି ବାକ୍ୟ ବିସ୍ମୟ (ଆଶ୍ଚର୍ଯ୍ୟ) ଭାବକୁ ପ୍ରକାଶ କରେ । ଯଥା :

What a beautiful flower ! – କେଡ଼େ ସୁନ୍ଦର ଫୁଲଟିଏ !

What a nice day ! – କି ସୁନ୍ଦର ଦିନଟିଏ !

How beautiful the sky is ! – ଆକାଶ କେଡ଼େ ସୁନ୍ଦର !

How fine your voice is ! – ତୁମ ସ୍ୱର କେଡ଼େ ସୁନ୍ଦର !




Tense Chart ପ୍ରସ୍ତୁତ କଲାବେଳେ Affirmative (ଅସ୍ତିବାଚକ), Negative (ନାସ୍ତିବାଚକ) ଓ Interrogative (ପ୍ରଶ୍ନବାଚକ) ବାକ୍ୟର ବ୍ୟବହାର କରାଯାଏ । ଯଥା :

I watch TV. – ମୁଁ ଟିଭି ଦେଖେ ।

Do I watch TV ? – ମୁଁ ଟିଭି ଦେଖେ କି ?

I do not watch TV. – ମୁଁ ଟିଭି ଦେଖେ ନାହିଁ ।



ତେବେ Interrogative ସହିତ Negativeକୁ ଯୋଡ଼ି ଆମେ Interrogative-Negative ବା Negative question ବା Imphatic question ପାଇପାରିବା । ଯଥା :

Does he speak Hindi ? – ସେ କ'ଣ ହିନ୍ଦୀ କହେ ?

He doesn't speak Hindi. – ସେ ହିନ୍ଦୀ କହେ ନାହିଁ ।

Doesn't he speak Hindi ? – ସେ ହିନ୍ଦୀ କହେ ନାହିଁ କି ?

Does he not speak Hindi ? – ସେ ହିନ୍ଦୀ କହେ ନାହିଁ କି ?



## WORK FOR YOU (ତୁମ ପାଇଁ କାମ)

1. ନିମ୍ନଲିଖିତ ବାକ୍ୟଗୁଡ଼ିକ କେଉଁ **Type**ର ଲେଖ ।

(a) Shall I do this work for you ?

(b) Who teaches you grammar ?

(c) I haven't seen you for a long time.



smartedubguide.com

(d) What a great tiger !

(e) Give me a glass of water.

(f) Madhu will give me a book.

(g) Am I your servant ?

(h) Please take my bag.

(i) How sweet your song is !

(j) Where is your pen ?


(k) Don't disturb me.

(l) Wait for some time.

(m) My friend did not help me.

(n) What a sharp memory !

(o) I know your problem.





## CHART - I


### PRESENT TENSE [SIMPLE PRESENT]

କେଉଁ କେଉଁ ଘଟଣା ପାଇଁ ବ୍ୟବହାର ହୁଏ ?

(୧) ଚିରନ୍ତନ ସତ୍ୟ, (୨) ପ୍ରଚଳିତ ଅବସ୍ଥା, (୩) ଅଭ୍ୟାସଗତ ଘଟଣା, (୪) ଧାରାବିବରଣୀ, (୫) ଖୁବ୍ ନିକଟ ଭବିଷ୍ୟତରେ ଘଟିବାକୁ ଯାଉଥିବା ଘଟଣା ।

ଏ, ଅ, ଉ, ନ୍ତି

| Statement | Negative | Interrogative | Negative Interrogative |
|---|---|---|---|
| ମୁଁ ଖାଏ । | ମୁଁ ଖାଏ ନାହିଁ । | ମୁଁ ଖାଏ କି ? | ମୁଁ ଖାଏ ନାହିଁ କି ? |
| I eat. | I don't eat. [do not = don't] | Do I eat ? | Don't I eat ? [Do I not eat ?] |
| ଆମେ ଖାଉ । | ଆମେ ଖାଉ ନାହୁଁ । | ଆମେ ଖାଉ କି ? | ଆମେମାନେ ଖାଉ ନାହୁଁ କି ? |
| We eat. | We don't eat. | Do we eat ? | Don't we eat ? [Do we not eat ?] |
| ତୁମେ ଖାଅ । | ତୁମେ ଖାଅ ନାହିଁ । | ତୁମେ ଖାଅ କି ? | ତୁମେ ଖାଅ ନାହିଁ କି ? |
| You eat. | You don't eat. | Do you eat ? | Don't you eat ? |
| ତୁମେମାନେ ଖାଅ । | ତୁମେମାନେ ଖାଅ ନାହିଁ । | ତୁମେମାନେ ଖାଅ କି ? | ତୁମେମାନେ ଖାଅ ନାହିଁ କି ? |
| You eat. | You don't eat. | Do you eat ? | Don't you eat ? |
| ସେ ଖାଏ । | ସେ ଖାଏ ନାହିଁ । | ସେ ଖାଏ କି ? | ସେ ଖାଏ ନାହିଁ କି ? |
| He eats. | He doesn't eat. | Does he eat ? | Doesn't he eat ? |





smarteduguide.com

| Statement | Negative | Interrogative | Negative Interrogative |
|---|---|---|---|
| ସେମାନେ ଖାଆନ୍ତି । | ସେମାନେ ଖାଆନ୍ତି ନାହିଁ । | ସେମାନେ ଖାଆନ୍ତି କି ? | ସେମାନେ ଖାଆନ୍ତି ନାହିଁ କି ? |
| They eat. | They don't eat. | Do they eat ? | Don't they eat ? |
| ରୁଚି ଖାଏ । | ରୁଚି ଖାଏ ନାହିଁ । | ରୁଚି ଖାଏ କି ? | ରୁଚି ଖାଏ ନାହିଁ କି ? |
| Ruchi eats. | Ruchi does not eat. | Does Ruchi eat ? | Doesn't Ruchi eat ? |

## WORK FOR YOU (ତୁମ ପାଇଁ କାମ)

1. **Put the verbs in brackets to their correct forms of the Simple Present Tense. Write the sentences in the negative and interrogative forms.**
   (a) Cuttack (stand) on the Mahanadi.
   (b) Everyday she (go) to the temple.
   (c) Our examination (begin) tomorrow.
   (d) Birds (fly) in the sky.
   (e) He (wake) up at 5 a.m.
   (f) The sun (set) in the west.
   (g) Cows (eat) grass.



2. **ଇଂରାଜୀରେ ଅନୁବାଦ କର :**

ତେଲ ପାଣିରେ ଭାସେ (float) । ପିଲାମାନେ ମିଠା ଖାଇବାକୁ ଭଲ ପାଆନ୍ତି (like) । ରୋହନ ସକାଳ ୬ଟାରେ ଉଠେ । ମୁଁ ସବୁଦିନ ବ୍ୟାୟାମ କରେ । ମା' ରୋଷେଇ କରନ୍ତି । ବାପା ଖବରକାଗଜ ପଢ଼ନ୍ତି । ମନୋଜ କ୍ରିକେଟ୍ ଖେଳେ । ସୋନାଲି ଗୀତ ଗାଏ । ପ୍ରଣବ ଜୋରରେ ହସେ । ସରୋଜ କଠିନ ପରିଶ୍ରମ କରେ । ମୁନୀ ଓଡ଼ିଶୀ ନାଚେ । ଶ୍ରୀୟା ଫୁଲ ତୋଳେ (pluck) ।

## CHART - II

## PRESENT PROGRESSIVE



**କେଉଁ କେଉଁ ଘଟଣା ପାଇଁ ବ୍ୟବହାର ହୁଏ :**

(୧) ବର୍ତ୍ତମାନ ବା କହୁଥିବା ସମୟରେ ଘଟୁଥିବା ଘଟଣା, (୨) ପୂର୍ବ ସୂଚନାକୁ ଆଧାର କରି going + to + verb ରୂପ, (୩) ଏବେ ପ୍ରଚଳିତ ଥିବା ଘଟଣା, (୪) ସାମୟିକ ବିଚ୍ୟୁତି, (୫) ନିକଟ ଭବିଷ୍ୟତରେ ଘଟିବାକୁ ଥିବା ପୂର୍ବ ସ୍ଥିରୀକୃତ ଘଟଣା ।

ଉଛି, ଉଛ, ଉଛୁ

| Statement | Negative | Interrogative | Negative Interrogative |
|---|---|---|---|
| ମୁଁ ଖାଉଛି । | ମୁଁ ଖାଉ ନାହିଁ । | ମୁଁ ଖାଉଛି କି ? | ମୁଁ ଖାଉ ନାହିଁ କି ? |
| I am eating. | I amn't eating. | Am I eating ? | Amn't I eating ? [Am I not eating ?] |

smartedguide.com

| Statement | Negative | Interrogative | Negative Interrogative |
|---|---|---|---|
| ଆମେମାନେ ଖାଉଛୁ । | ଆମେମାନେ ଖାଉନାହୁଁ । | ଆମେମାନେ ଖାଉଛୁ କି ? | ଆମେମାନେ ଖାଉନାହୁଁ କି ? |
| We are eating | We aren't eating. | Are we eating ? | Aren't we eating ? |
| ତୁମେ ଖାଉଛ । | ତୁମେ ଖାଉନାହଁ । | ତୁମେ ଖାଉଛ କି ? | ତୁମେ ଖାଉନାହଁ କି ? |
| You are eating. | You aren't eating. | Are you eating ? | Aren't you eating ? |
| ତୁମେମାନେ ଖାଉଛ । | ତୁମେମାନେ ଖାଉନାହଁ । | ତୁମେମାନେ ଖାଉଛ କି ? | ତୁମେମାନେ ଖାଉନାହଁ କି ? |
| You are eating. | You aren't eating. | Are you eating ? | Aren't you eating ? |
| ସେ ଖାଉଛି । | ସେ ଖାଉନାହିଁ । | ସେ ଖାଉଛି କି ? | ସେ ଖାଉନାହିଁ କି ? |
| He is eating. | He isn't eating. | Is he eating ? | Isn't he eating ? |
| ସେମାନେ ଖାଉଛନ୍ତି । | ସେମାନେ ଖାଉ ନାହାଁନ୍ତି । | ସେମାନେ ଖାଉଛନ୍ତି କି ? | ସେମାନେ ଖାଉନାହାଁନ୍ତି କି ? |
| They are eating. | They are not eating. | Are they eating ? | Aren't they eating ? |
| ଶୀଲା ଖାଉଛି । | ଶୀଲା ଖାଉନାହିଁ । | ଶୀଲା ଖାଉଛି କି ? | ଶୀଲା ଖାଉନାହିଁ କି ? |
| Shilla is eating. | Shilla isn't eating. | Is Shilla eating ? | Isn't Shilla eating ? |

## WORK FOR YOU (ତୁମ ପାଇଁ କାମ)


1. **Translate to English :**

ବାପା ଏବେ ଖବରକାଗଜ ପଢୁଛନ୍ତି । ମା ରୋଷେଇ କରୁଛନ୍ତି । ମୁଁ ଖେଳୁନାହିଁ । ମୁଁ ପଢୁଛି । ତୁମେ ପଢୁନାହଁ କି ? ଗୀତା ଖାଉନାହିଁ କି ? ସେମାନେ ଫୁଟବଲ ଖେଳୁଛନ୍ତି କି ? ମୀରା ନାଚୁଛି କି ? ସୀତା ଘରକୁ ଯାଉଛି କି ?

2. **Fill in the blanks with appropriate forms of verbs given in brackets.**

(ଶୂନ୍ୟସ୍ଥାନରେ ବନ୍ଧନୀ ମଧ୍ୟରେ ଥିବା **verb**ର ସଠିକ୍ ରୂପ ଲେଖ ।

(i) We are ____ (play) tennis.
(ii) Birds are ____ (fly) in the sky.
(iii) Students are ____ (read) here.
(iv) Do you ____ (take) coffee ?
(v) I don't ____ (eat) meat.
(vi) We aren't ____ (sing).
(vii) The sky looks cloudy. It is ____ (go) to rain.
(viii) He ____ (not read) magazine.
(ix) I' ____ (not know) Hindi.




smartedguide.com

## Exception Rule (ବ୍ୟତିକ୍ରମ ନିୟମ) :

କେତେକ Verb ସାଧାରଣତଃ continuous ବା progressive formରେ ବ୍ୟବହାର ହୁଅନ୍ତି ନାହିଁ । ଏ ପ୍ରକାର verb ସବୁକୁ non-conclusive verb କୁହାଯାଏ । ଏମାନେ ସ୍ୱେଚ୍ଛାକୃତ ଅର୍ଥାତ୍ involuntary actionକୁ ବୁଝାନ୍ତି । ଏହି verbଗୁଡ଼ିକର ଉଦାହରଣ ନିମ୍ନରେ ପ୍ରଦାନ କରାଗଲା ।

1. **Action done by mind (ମନ ଓ ମସ୍ତିଷ୍କଦ୍ୱାରା ସଂଘଟିତ କାର୍ଯ୍ୟାବଳୀ)**

   want, wish, desire, forgive, excuse, like, dislike, hate, love, adore, refuse, care, admire, abhor, think, feel, know, remember, forget, agree, disagree, recollect, recall, trust, suppose, expect, understand, mind, realise




2. **Verbs of Sensation (ଇନ୍ଦ୍ରିୟଦ୍ୱାରା ସଂଘଟିତ ହେଉଥିବା କାର୍ଯ୍ୟ)**

   see, hear, smell, feel, taste, touch

3. **Verbs of possession (ମାଲିକାନାକୁ ବୁଝାଉଥିବା verb)**

   own, owe, possess have, belong

4. **Some other verbs (ଅନ୍ୟ କେତେକ verb)**

   keep, contain, consist, cost, concern, seem, notice, recognize, look, resemble, refuse, ascond, result etc.



ମନେରଖ :

see ସ୍ଥାନରେ -ing form ରେ watching.

hear ସ୍ଥାନରେ listening ବ୍ୟବହାର କରାଯାଇ ପାରିବ ।

I am seeing. (ଭୁଲ) I am watching. (ଠିକ୍)

I am hearing. (ଭୁଲ) I am listening. (ଠିକ୍)

## CHART - III

## PRESENT PERFECT

**କେଉଁ କେଉଁ ଘଟଣା ପାଇଁ ବ୍ୟବହାର ହୁଏ :**

(୧) କାର୍ଯ୍ୟଟିଏ perfect ଅବସ୍ଥାରେ ଥିବ ଅର୍ଥାତ୍ ସମ୍ପୂର୍ଣ୍ଣ ହୋଇଥିବ ଏବଂ ତା'ର ପ୍ରଭାବ ବର୍ତ୍ତମାନ ସୁଦ୍ଧା ଥିବ, (୨) ଅତୀତ ଓ ବର୍ତ୍ତମାନ ମଧ୍ୟରେ କୌଣସି ପରିବର୍ତ୍ତନ, (୩) ଅତୀତରୁ ଆରମ୍ଭ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ଚାଲି ଆସିଥିବା କାର୍ଯ୍ୟ ।


ଇ-ଛି, ଇ-ଛ, ଇ-ଛନ୍ତି

| Statement | Negative | Interrogative | Negative Interrogative |
|---|---|---|---|
| ମୁଁ ଖାଇ(ଅ)ଛି । | ମୁଁ ଖାଇନାହିଁ । | ମୁଁ ଖାଇଛି କି ? | ମୁଁ ଖାଇନାହିଁ କି ? |
| I have eaten. | I haven't eaten. | Have I eaten ? | Haven't I eaten ? |
| | | | [Have I not eaten ?] |

smartedguide.com

| Statement | Negative | Interrogative | Negative Interrogative |
|---|---|---|---|
| ଆମେ ଖାଇଅଛୁ । | ଆମେ ଖାଇନାହୁଁ । | ଆମେ ଖାଇଅଛୁ କି ? | ଆମେ ଖାଇନାହୁଁ କି ? |
| We have eaten. | We haven't eaten. | Have we eaten ? | Haven't we eaten ? |
| ତୁମେ ଖାଇଅଛ । | ତୁମେ ଖାଇନାହଁ । | ତୁମେ ଖାଇଛ କି ? | ତୁମେ ଖାଇନାହଁ କି ? |
| You have eaten. | You haven't eaten. | Have you eaten ? | Haven't you eaten ? |
| ତୁମେମାନେ ଖାଇଅଛ । | ତୁମେମାନେ ଖାଇନାହଁ । | ତୁମେମାନେ ଖାଇଛ କି ? | ତୁମେମାନେ ଖାଇନାହଁ କି ? |
| You have eaten. | You haven't eaten. | Have you eaten ? | Haven't you eaten ? |
| ସେ ଖାଇଅଛି । | ସେ ଖାଇନାହିଁ । | ସେ ଖାଇଛି କି ? | ସେ ଖାଇନାହିଁ କି ? |
| He has eaten. | He hasn't eaten. | Has he eaten ? | Hasn't he eaten ? |
| ସେମାନେ ଖାଇଛନ୍ତି । | ସେମାନେ ଖାଇ ନାହାଁନ୍ତି । | ସେମାନେ ଖାଇଛନ୍ତି କି ? | ସେମାନେ ଖାଇନାହାଁନ୍ତି କି ? |
| They have eaten. | They haven't eaten. | Have they eaten ? | Haven't they eaten ? |
| ରୁହି ଖାଇଛି । | ରୁହି ଖାଇନାହିଁ । | ରୁହି ଖାଇଛି କି ? | ରୁହି ଖାଇନାହିଁ କି ? |
| Ruhi has eaten. | Ruhi hasn't eaten. | Has Ruhi eaten ? | Hasn't Ruhi eaten ? |

Present perfect ସହ ପ୍ରାୟ ବ୍ୟବହୃତ ହେଉଥିବା କେତେକ ସମୟସୂଚକ ପଦ ହେଉଛି– lately, recently, yet, today, just, already, for ଓ since ।



## CHART - IV

## PRESENT PERFECT PROGRESSIVE

କେଉଁ କେଉଁ ଘଟଣା ପାଇଁ ବ୍ୟବହାର ହୁଏ :

(୧) ଅତୀତରେ ଆରମ୍ଭ ହୋଇ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ନଥିବା କାର୍ଯ୍ୟ, (୨) ନିକଟ ଅତୀତରେ ସମାପ୍ତ ହୋଇଥିବା କାର୍ଯ୍ୟ ଯାହାର ପରିଣାମ ଏବେ ମଧ୍ୟ ସ୍ପଷ୍ଟ ।

ଇ-ଉ-ଛି, ଇ-ଉ-ଛ, ଇ-ଉ-ଛନ୍ତି


| Statement | Negative | Interrogative | Negative Interrogative |
|---|---|---|---|
| ମୁଁ ଖାଇ ଆସୁଅଛି । | ମୁଁ ଖାଇ ଆସୁନାହିଁ । | ମୁଁ ଖାଇଆସୁଛି କି ? | ମୁଁ ଖାଇ ଆସୁନାହିଁ କି ? |
| I have been eating. | I haven't been eating. | Have I been eating ? | Haven't I been eating ? |
| ଆମେମାନେ ଖାଇଆସୁଅଛୁ । | ଆମେମାନେ ଖାଇଆସୁ ନାହୁଁ । | ଆମେମାନେ ଖାଇଆସୁଛୁ କି ? | ଆମେମାନେ ଖାଇ ଆସୁନାହୁଁ କି ? |
| We have been eating. | We haven't been eating. | Have we been eating ? | Haven't we been eating ? |
| ତୁମେ ଖାଇଆସୁଅଛ । | ତୁମେ ଖାଇଆସୁ ନାହଁ । | ତୁମେ ଖାଇଆସୁଛ କି ? | ତୁମେ ଖାଇଆସୁନାହଁ କି ? |
| You have been eating. | You haven't been eating. | Have you been eating ? | Haven't you been eating ? |

smartedguide.com

| Statement | Negative | Interrogative | Negative Interrogative |
|---|---|---|---|
| ତୁମେମାନେ ଖାଇଆସୁଅଛ । | ତୁମେମାନେ ଖାଇଆସୁନାହଁ । | ତୁମେମାନେ ଖାଇଆସୁଛ କି ? | ତୁମେମାନେ ଖାଇଆସୁନାହଁ କି ? |
| You have been eating. | You haven't been eating. | Have you been eating ? | Haven't you been eating ? |
| ସେ ଖାଇଆସୁଅଛି । | ସେ ଖାଇଆସୁନାହିଁ । | ସେ ଖାଇଆସୁଛି କି ? | ସେ ଖାଇଆସୁନାହିଁ କି ? |
| He has been eating. | He hasn't been eating. | Has he been eating ? | Hasn't he been eating ? |
| ସେମାନେ ଖାଇଆସୁଛନ୍ତି । | ସେମାନେ ଖାଇଆସୁ ନାହାଁନ୍ତି । | ସେମାନେ ଖାଇଆସୁଛନ୍ତି କି ? | ସେମାନେ ଖାଇଆସୁନାହାଁନ୍ତି କି ? |
| They have been eating. | They haven't been eating. | Have they been eating ? | Haven't they been eating ? |
| ପିଲାଟି ଖାଇଆସୁଅଛି । | ପିଲାଟି ଖାଇଆସୁ ନାହିଁ । | ପିଲାଟି ଖାଇଆସୁଛି କି ? | ପିଲାଟି ଖାଇଆସୁ ନାହିଁ କି ? |
| The child has been eating. | The child hasn't been eating. | Has the child been eating ? | Hasn't the child been eating ? |

## WORK FOR YOU (ତୁମ ପାଇଁ କାମ)

1. ନିମ୍ନଲିଖିତ ବାକ୍ୟଗୁଡ଼ିକରେ ଥିବା ଖାଲିସ୍ଥାନ ସବୁକୁ ବନ୍ଧନୀ ମଧ୍ୟରେ ଥିବା **verb**ର **present perfect** ବା **present perfect progressive form** ଦ୍ୱାରା ପୂରଣ କର ।



(i) The train just ____ (leave).
(ii) They ____ (live) here since 1947.
(iii) The Post Office already ____ (close).
(iv) You ____ (visit) the Book Fair ?
(v) I am cold because I ____ (swim) all the morning.
(vi) The boys ____ (not finish) their work yet.
(vii) I am dirty. I ____ (clean) my room.
(viii) I ____ (see) Konark many times.
(ix) He ____ (make) a beautiful toy.
(x) Sachin ____ (play) his best.



## CHART - V

## SIMPLE PAST

**କେଉଁ କେଉଁ ଘଟଣା ପାଇଁ ବ୍ୟବହାର ହୁଏ :**

(୧) ଅତୀତରେ ଘଟି ସାରିଥିବା ଘଟଣା, ଅତୀତ ସମୟ ସୂଚିତ କରୁଥିବା ପଦ; ଯଥା : yesterday, last year, last month, 1990 ପ୍ରଭୃତି ସହ ପ୍ରାୟ Simple past ବ୍ୟବହାର ହୁଏ ।


ଲି-ଲ

smartedguide.com

| Statement | Negative | Interrogative | Negative Interrogative |
|---|---|---|---|
| ମୁଁ ଖାଇଲି । | ମୁଁ ଖାଇଲି ନାହିଁ । | ମୁଁ ଖାଇଲି କି ? | ମୁଁ ଖାଇଲି ନାହିଁ କି ? |
| I ate. | I didn't eat. | Did I eat ? | Didn't i eat ? (Did I not eat ?) |
| ଆମେ ଖାଇଲୁ । | ଆମେ ଖାଇଲୁ ନାହିଁ । | ଆମେମାନେ ଖାଇଲୁ କି ? | ଆମେମାନେ ଖାଇଲୁ ନାହିଁ କି ? |
| We ate. | We didn't eat. | Did we eat ? | Didn't we eat ? |
| ତୁମେ ଖାଇଲ । | ତୁମେ ଖାଇଲ ନାହିଁ । | ତୁମେ ଖାଇଲ କି ? | ତୁମେ ଖାଇଲ ନାହିଁ କି ? |
| You ate. | You didn't eat. | Did you eat ? | Didn't you eat ? |
| ତୁମେମାନେ ଖାଇଲ । | ତୁମେମାନେ ଖାଇଲ ନାହିଁ । | ତୁମେମାନେ ଖାଇଲ କି ? | ତୁମେମାନେ ଖାଇଲ ନାହିଁ କି ? |
| You ate. | You didn't eat. | Did you eat ? | Didn't you eat ? |
| ସେ ଖାଇଲା । | ସେ ଖାଇଲା ନାହିଁ । | ସେ ଖାଇଲା କି ? | ସେ ଖାଇଲା ନାହିଁ କି ? |
| He ate. | He didn't eat. | Did he eat ? | Didn't he eat ? |
| ସେମାନେ ଖାଇଲେ । | ସେମାନେ ଖାଇଲେ ନାହିଁ । | ସେମାନେ ଖାଇଲେ କି ? | ସେମାନେ ଖାଇଲେ ନାହିଁ କି ? |
| They ate. | They didn't eat. | Did they eat ? | Didn't they eat ? |
| ମୋ ଭାଇ ଖାଇଲା । | ମୋ ଭାଇ ଖାଇଲା ନାହିଁ । | ମୋ ଭାଇ ଖାଇଲା କି ? | ମୋ ଭାଇ ଖାଇଲା ନାହିଁ କି ? |
| My brother ate. | My brother didn't eat. | Did my brother eat ? | Didn't my brother eat ? |

## CHART - VI

## PAST PROGRESSIVE



**କେଉଁ କେଉଁ ଘଟଣା ପାଇଁ ବ୍ୟବହାର ହୁଏ :**

(୧) ଅତୀତରେ କୌଣସି ଏକ ସମୟରେ ଗତିଶୀଳ ଥିବା ଏକ କାର୍ଯ୍ୟ, (୨) ଅତୀତରେ କୌଣସି ଏକ ସମୟରେ ଗତିଶୀଳ ଥିବା ଦୁଇଟି ଘଟଣା, (୩) ଅତୀତରେ ଗୋଟିଏ ଘଟଣା ଗତିଶୀଳ ଥିବାବେଳେ ହଠାତ୍ ଆଉ ଗୋଟିଏ ଘଟଣା ଘଟୁଥିଲେ ।

ଭଲ-ଭଲି

| Statement | Negative | Interrogative | Negative Interrogative |
|---|---|---|---|
| ମୁଁ ଖାଉଥିଲି । | ମୁଁ ଖାଉ ନଥିଲି । | ମୁଁ ଖାଉଥିଲି କି ? | ମୁଁ ଖାଉ ନଥିଲି କି ? |
| I was eating. | I wasn't eating. | Was I eating ? | Wasn't I eating ? (Was I not eating ?) |
| ଆମେ ଖାଉଥିଲୁ । | ଆମେମାନେ ଖାଉ ନଥିଲୁ । | ଆମେମାନେ ଖାଉଥିଲୁ କି ? | ଆମେମାନେ ଖାଉ ନଥିଲୁ କି ? |
| We were eating. | We weren't eating. | Were we eating ? | Weren't we eating ? |

smarteduguide.com

| Statement | Negative | Interrogative | Negative Interrogative |
|---|---|---|---|
| ତୁମେ ଖାଉଥିଲ । | ତୁମେ ଖାଉ ନଥିଲ । | ତୁମେ ଖାଉଥିଲ କି ? | ତୁମେ ଖାଉ ନଥିଲ କି ? |
| You were eating. | You weren't eating. | Were you eating ? | Weren't you eating ? |
| ତୁମେମାନେ ଖାଉଥିଲ । | ତୁମେମାନେ ଖାଉ ନଥିଲ । | ତୁମେମାନେ ଖାଉଥିଲ କି ? | ତୁମେମାନେ ଖାଉ ନଥିଲ କି ? |
| You were eating. | You weren't eating. | Were you eating ? | Weren't you eating ? |
| ସେ ଖାଉଥିଲା । | ସେ ଖାଉ ନଥିଲା । | ସେ ଖାଉଥିଲା କି ? | ସେ ଖାଉ ନଥିଲା କି ? |
| He was eating. | He wasn't eating. | Was he eating ? | Wasn't he eating ? |
| ସେମାନେ ଖାଉଥିଲେ । | ସେମାନେ ଖାଉ ନଥିଲେ । | ସେମାନେ ଖାଉଥିଲେ କି ? | ସେମାନେ ଖାଉ ନଥିଲେ କି ? |
| They were eating. | They were not eating. | Were they eating ? | Weren't they eating ? |
| ମୋ ମା' ଖାଉଥିଲେ । | ମୋ ମା' ଖାଉ ନଥିଲେ । | ମୋ ମା' ଖାଉଥିଲେ କି ? | ମୋ ମା' ଖାଉ ନଥିଲେ କି ? |
| My mother was eating. | My mother wasn't eating. | Was my mother eating ? | Wasn't my mother eating ? |

## CHART - VII

### PAST PERFECT



smartedguide.com

**କେଉଁ କେଉଁ ଘଟଣା ପାଇଁ ବ୍ୟବହାର ହୁଏ :**


(୧) ଅତୀତରେ ଘଟିଥିବା ଦୁଇଟି ଘଟଣା ମଧ୍ୟରୁ ଅଧିକ ଅତୀତ ଘଟଣା ପାଇଁ ବ୍ୟବହାର ହୁଏ । (୨) ଅତୀତର ଗୋଟିଏ ସମୟ ପର୍ଯ୍ୟନ୍ତ ଗତିଶୀଳ ଥିବା ଗୋଟିଏ ଘଟଣା ବା ଘଟଣାବଳୀ ପାଇଁ ବ୍ୟବହାର ହୁଏ ।

ଇଲି-ଇଲା

| Statement | Negative | Interrogative | Negative Interrogative |
|---|---|---|---|
| ମୁଁ ଖାଇଥିଲି । | ମୁଁ ଖାଇ ନଥିଲି । | ମୁଁ ଖାଇଥିଲି କି ? | ମୁଁ ଖାଇ ନଥିଲି କି ? |
| I had eaten. | I hadn't eaten. | Had I eaten ? | Hadn't I eaten ? |
| ଆମେ ଖାଇଥିଲୁ । | ଆମେମାନେ ଖାଇ ନଥିଲୁ । | ଆମେ ଖାଇଥିଲୁ କି ? | ଆମେମାନେ ଖାଇ ନଥିଲୁ କି ? |
| We had eaten. | We hadn't eaten. | Had we eaten ? | Hadn't we eaten ? |
| ତୁମେ ଖାଇଥିଲ । | ତୁମେ ଖାଇ ନଥିଲ । | ତୁମେ ଖାଇଥିଲ କି ? | ତୁମେ ଖାଇ ନଥିଲ କି ? |
| You had eaten. | You hadn't eaten. | Had you eaten ? | Hadn't you eaten ? |
| ତୁମେମାନେ ଖାଇଥିଲ । | ତୁମେମାନେ ଖାଇ ନଥିଲ । | ତୁମେମାନେ ଖାଇଥିଲ କି ? | ତୁମେମାନେ ଖାଇ ନଥିଲ କି ? |
| You had eaten. | You hadn't eaten. | Had you eaten ? | Hadn't you eaten ? |
| ସେ ଖାଇଥିଲା । | ସେ ଖାଇ ନଥିଲା । | ସେ ଖାଇଥିଲା କି ? | ସେ ଖାଇ ନଥିଲା କି ? |
| He had eaten. | He hadn't eaten. | Had he eaten ? | Hadn't he eaten ? |

| Statement | Negative | Interrogative | Negative Interrogative |
|---|---|---|---|
| ସେମାନେ ଖାଇଥିଲେ । | ସେମାନେ ଖାଇ ନଥିଲେ । | ସେମାନେ ଖାଇଥିଲେ କି ? | ସେମାନେ ଖାଇ ନଥିଲେ କି ? |
| They had eaten. | They hadn't eaten. | Had they eaten ? | Hadn't they eaten ? |
| ପୂଜା ଖାଇଥିଲା । | ପୂଜା ଖାଇ ନଥିଲା । | ପୂଜା ଖାଇଥିଲା କି ? | ପୂଜା ଖାଇ ନଥିଲା କି ? |
| Puja had eaten. | Puja hadn't eaten. | Had Puja eaten ? | Hadn't Puja eaten ? |

## CHART - VIII



## PAST PERFECT PROGRESSIVE

**କେଉଁ କେଉଁ ଘଟଣା ପାଇଁ ବ୍ୟବହାର ହୁଏ :**

(୧) ଅତୀତର ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଘଟି ଆସୁଥିବା ଘଟଣାଟିଏ ପାଇଁ ଏହି form ବ୍ୟବହାର ହୁଏ।

ଇଉଲି-ଉଇଲ

| Statement | Negative | Interrogative | Negative Interrogative |
|---|---|---|---|
| ମୁଁ ଖାଇ ଆସୁଥିଲି । | ମୁଁ ଖାଇ ଆସୁନଥିଲି । | ମୁଁ ଖାଇଆସୁଥିଲି କି ? | ମୁଁ ଖାଇ ଆସୁନଥିଲି କି ? |
| I had been eating. | I hadn't been eating. | Had I been eating ? | Hadn't I been eating ? |
| ଆମେ ଖାଇଆସୁଥିଲୁ । | ଆମେମାନେ ଖାଇଆସୁନଥିଲୁ । | ଆମେମାନେ ଖାଇଆସୁଥିଲୁ କି ? | ଆମେମାନେ ଖାଇ ଆସୁନଥିଲୁ କି ? |
| We had been eating. | We hadn't been eating. | Had we been eating ? | Hadn't we been eating ? |
| ତୁମେ ଖାଇଆସୁଥିଲ । | ତୁମେ ଖାଇଆସୁନଥିଲ । | ତୁମେ ଖାଇଆସୁଥିଲ କି ? | ତୁମେ ଖାଇଆସୁନଥିଲ କି ? |
| You had been eating. | You hadn't been eating. | Had you been eating ? | Hadn't you been eating. |
| ତୁମେମାନେ ଖାଇଆସୁଥିଲ । | ତୁମେମାନେ ଖାଇଆସୁନଥିଲ । | ତୁମେମାନେ ଖାଇଆସୁଥିଲ କି ? | ତୁମେମାନେ ଖାଇଆସୁନଥିଲ କି ? |
| You had been eating. | You hadn't been eating. | Had you been eating ? | Hadn't you been eating ? |
| ସେ ଖାଇଆସୁଥିଲା । | ସେ ଖାଇଆସୁନଥିଲା । | ସେ ଖାଇଆସୁନଥିଲା କି ? | ସେ ଖାଇଆସୁନଥିଲା କି ? |
| He had been eating. | He hadn't been eating. | Had he been eating ? | Hadn't he been eating ? |
| ସେମାନେ ଖାଇଆସୁଥିଲେ । | ସେମାନେ ଖାଇଆସୁନଥିଲେ । | ସେମାନେ ଖାଇଆସୁଥିଲେ କି ? | ସେମାନେ ଖାଇଆସୁନଥିଲେ କି ? |
| They had been eating. | They hadn't been eating. | Had they been eating ? | Hadn't they been eating ? |
| ଜୁହି ଖାଇଆସୁଥିଲା । | ଜୁହି ଖାଇ ଆସୁନଥିଲା । | ଜୁହି ଖାଇଆସୁଥିଲା କି ? | ଜୁହି ଖାଇଆସୁନଥିଲା କି ? |
| Juhi had been eating. | Juhi hadn't been eating. | Had Juhi been eating ? | Hadn't Juhi been eating ? |

smartedguide.com

## CHART - IX



### FUTURE TIME TYPE - I

ବ-ବା-ବି-ବୁ

| Statement | Negative | Interrogative | Negative Interrogative |
|---|---|---|---|
| ମୁଁ ଖାଇବି । | ମୁଁ ଖାଇବି ନାହିଁ । | ମୁଁ ଖାଇବି କି ? | ମୁଁ ଖାଇବି ନାହିଁ କି ? |
| I shall eat. | I shall not eat. | Shall I eat ? | Shan't I eat ? |
| ଆମେ ଖାଇବୁ । | ଆମେ ଖାଇବୁ ନାହିଁ । | ଆମେ ଖାଇବୁ କି ? | ଆମେ ଖାଇବୁ ନାହିଁ କି ? |
| We shall eat. | We shall not eat. | Shall we eat ? | Shan't we eat ? |
| ତୁମେ ଖାଇବ । | ତୁମେ ଖାଇବ ନାହିଁ । | ତୁମେ ଖାଇବ କି ? | ତୁମେ ଖାଇବ ନାହିଁ କି ? |
| You will eat. | You won't eat. | Will you eat ? | Won't you eat ? |
| ତୁମେମାନେ ଖାଇବ । | ତୁମେମାନେ ଖାଇବ ନାହିଁ । | ତୁମେମାନେ ଖାଇବ କି ? | ତୁମେମାନେ ଖାଇବ ନାହିଁ କି ? |
| You will eat. | You won't eat. | Will you eat ? | Won't you eat ? |
| ସେ ଖାଇବ । | ସେ ଖାଇବ ନାହିଁ । | ସେ ଖାଇବ କି ? | ସେ ଖାଇବ ନାହିଁ କି ? |
| He will eat. | He won't eat. | Will he eat ? | Won't he eat ? |
| ସେମାନେ ଖାଇବେ । | ସେମାନେ ଖାଇବେ ନାହିଁ । | ସେମାନେ ଖାଇବେ କି ? | ସେମାନେ ଖାଇବେ ନାହିଁ କି ? |
| They will eat. | They won't eat. | Will they eat ? | Won't they eat ? |

## CHART - X



### FUTURE PROGRESSIVE

| Statement | Negative | Interrogative | Negative Interrogative |
|---|---|---|---|
| ମୁଁ ଖାଉଥିବି । | ମୁଁ ଖାଉ ନଥିବି । | ମୁଁ ଖାଉଥିବି କି ? | ମୁଁ ଖାଉ ନଥିବି କି ? |
| I shall be eating. | I shall not be eating. | Shall I be eating ? | Shall I not eating ? |
| ଆମେ ଖାଉଥିବୁ । | ଆମେମାନେ ଖାଉ ନଥିବୁ । | ଆମେମାନେ ଖାଉଥିବୁ କି ? | ଆମେମାନେ ଖାଉ ନଥିବୁ କି ? |
| We shall be eating. | We shan't be eating. | Shall we be eating ? | Shan't we eating ? |
| ତୁମେ ଖାଉଥିବ । | ତୁମେ ଖାଉ ନଥିବ । | ତୁମେ ଖାଉଥିବ କି ? | ତୁମେ ଖାଉ ନଥିବ କି ? |
| You shall be eating. | You shan't be eating. | Shall you be eating ? | Shan't you be eating ? |
| ତୁମେମାନେ ଖାଉଥିବ । | ତୁମେମାନେ ଖାଉ ନଥିବ । | ତୁମେମାନେ ଖାଉଥିବ କି ? | ତୁମେମାନେ ଖାଉ ନଥିବ କି ? |
| You shall be eating. | You shan't be eating. | Shall you be eating ? | Shan't you be eating ? |

smarteduguide.com

| Statement | Negative | Interrogative | Negative Interrogative |
|---|---|---|---|
| ସେ ଖାଉଥିବ । | ସେ ଖାଉ ନଥିବ । | ସେ ଖାଉଥିବ କି ? | ସେ ଖାଉ ନଥିବ କି ? |
| He will be eating. | He will not be eating. | Will he be eating ? | Won't he be eating ? |
| ସେମାନେ ଖାଉଥିବେ । | ସେମାନେ ଖାଉ ନଥିବେ । | ସେମାନେ ଖାଉଥିବେ କି ? | ସେମାନେ ଖାଉ ନଥିବେ କି ? |
| They will be eating. | They will not be eating. | Will they be eating ? | Won't they be eating ? |

ମନେରଖ :

Youର ଅର୍ଥ ତୁମେ ହୋଇପାରେ, ତୁମେମାନେ ମଧ୍ୟ ହୋଇପାରେ । Shall ପରିବର୍ତ୍ତେ will ଓ will ପରିବର୍ତ୍ତେ shall ଲଗାଯାଇପାରେ । ଉପର ଶ୍ରେଣୀକୁ ଗଲେ shall ଓ will ଭିତରେ ଥିବା ସୂକ୍ଷ୍ମ ପ୍ରଭେଦ ତୁମେ ଜାଣିବ । ଏଠାରେ 'eat' verbକୁ ନେଇ Tense Chart ତିଆରି ହୋଇଛି । 'eat' ପରିବର୍ତ୍ତେ ଅନ୍ୟ verbମାନଙ୍କୁ ନେଇ ଏହିଭଳି Tense Chart କରାଯାଇ ପାରିବ । ଯଥା :

ମୁଁ ନାଚୁଥିବି । – I shall be dancing.

ମୀରା ଗାଉଥିବ କି ? – Will Meera be singing ?

ସେମାନେ ଟିଭି ଦେଖୁ ନଥିବେ । – They shall not be watching TV.

ତୁମେ କାମ କରୁଥିବ । – You shall be working.



## CHART - XI

### FUTURE PERFECT

| Statement | Negative | Interrogative | Negative Interrogative |
|---|---|---|---|
| ମୁଁ ଖାଇଥିବି । | ମୁଁ ଖାଇ ନଥିବି । | ମୁଁ ଖାଇଥିବି କି ? | ମୁଁ ଖାଇ ନଥିବି କି ? |
| I shall have eaten. | I shan't have eaten. | Shall I have eaten ? | Shan't I have eaten ? |
| ଆମେ ଖାଇଥିବୁ । | ଆମେମାନେ ଖାଇ ନଥିବୁ । | ଆମେ ଖାଇଥିବୁ କି ? | ଆମେମାନେ ଖାଇ ନଥିବୁ କି ? |
| We shall have eaten. | We shan't have eaten. | Shall we have eaten ? | Shan't we have eaten ? |
| ତୁମେ ଖାଇଥିବ । | ତୁମେ ଖାଇ ନଥିବ । | ତୁମେ ଖାଇଥିବ କି ? | ତୁମେ ଖାଇ ନଥିବ କି ? |
| You will have eaten. | You won't have eaten. | Will you have eaten ? | Won't you have eaten ? |
| ତୁମେମାନେ ଖାଇଥିବ । | ତୁମେମାନେ ଖାଇ ନଥିବ । | ତୁମେମାନେ ଖାଇଥିବ କି ? | ତୁମେମାନେ ଖାଇ ନଥିବ କି ? |
| You will have eaten. | You won't have eaten. | Will you have eaten ? | Won't you have eaten ? |
| ସେ ଖାଇଥିବ । | ସେ ଖାଇ ନଥିବ । | ସେ ଖାଇଥିବ କି ? | ସେ ଖାଇ ନଥିବ କି ? |
| He will have eaten. | He won't have eaten. | Will he have eaten ? | Won't he have eaten ? |
| ସେମାନେ ଖାଇଥିବେ । | ସେମାନେ ଖାଇ ନଥିବେ । | ସେମାନେ ଖାଇଥିବେ କି ? | ସେମାନେ ଖାଇ ନଥିବେ କି ? |
| They will have eaten. | They won't have eaten. | Will they have eaten ? | Won't they have eaten ? |

## CHART - XII



### FUTURE PERFECT PROGRESSIVE

| Statement | Negative | Interrogative | Negative Interrogative |
|---|---|---|---|
| ମୁଁ ଖାଇ ଆସୁଥିବି । | ମୁଁ ଖାଇ ଆସୁନଥିବି । | ମୁଁ ଖାଇଆସୁଥିବି କି ? | ମୁଁ ଖାଇ ଆସୁନଥିବି କି ? |
| I shall have been eating. | I shan't have been eating. | Shall I have been eating ? | Shan't I have been eating ? |
| ଆମେ ଖାଇ ଆସୁଥିବୁ । | ଆମେମାନେ ଖାଇ ଆସୁନଥିବୁ । | ଆମେମାନେ ଖାଇଆସୁଥିବୁ କି ? | ଆମେମାନେ ଖାଇ ଆସୁନଥିବୁ କି ? |
| We shall have been eating. | We shan't have been eating. | Shall we have been eating ? | Shan't we have been eating ? |
| ତୁମେ ଖାଇ ଆସୁଥିବ । | ତୁମେ ଖାଇ ଆସୁନଥିବ । | ତୁମେ ଖାଇ ଆସୁଥିବ କି ? | ତୁମେ ଖାଇ ଆସୁନଥିବ କି ? |
| You will have been eating. | You won't have been eating. | Will you have been eating ? | Won't you have been eating. |
| ତୁମେମାନେ ଖାଇ ଆସୁଥିବ । | ତୁମେମାନେ ଖାଇ ଆସୁନଥିବ । | ତୁମେମାନେ ଖାଇ ଆସୁଥିବ କି ? | ତୁମେମାନେ ଖାଇ ଆସୁନଥିବ କି ? |
| You will have been eating. | You won't have been eating. | Will you have been eating ? | Won't you have been eating. |
| ସେ ଖାଇ ଆସୁଥିବ । | ସେ ଖାଇ ଆସୁନଥିବ । | ସେ ଖାଇ ଆସୁନଥିବ କି ? | ସେ ଖାଇ ଆସୁନଥିବ କି ? |
| He will has been eating. | He won't has been eating. | Will he has been eating ? | Won't he has been eating ? |
| ସେମାନେ ଖାଇ ଆସୁଥିବେ । | ସେମାନେ ଖାଇ ଆସୁନଥିବେ । | ସେମାନେ ଖାଇ ଆସୁଥିବେ କି ? | ସେମାନେ ଖାଇ ଆସୁନଥିବେ କି ? |
| They will have been eating. | They won't have been eating. | Will they have been eating ? | Won't they have been eating ? |

ଏହାଛଡ଼ା ନିକଟ ଭବିଷ୍ୟତରେ ହେବାକୁ ଯାଉଥିବା କାର୍ଯ୍ୟ ପାଇଁ will/shall ପରିବର୍ତ୍ତେ 'be going to' ଲଗାଯାଇପାରେ ।

ବୁଢ଼ାଟି ଖାଉନାହିଁ । ସେ ମରିବାକୁ ଯାଉଛି । – The old man is not eating. He is going to die.

ଆକାଶରେ ମେଘ ଭରପୂର । ବର୍ଷା ହେବାକୁ ଯାଉଛି । – The sky is full of clouds. It is going to rain.

ସେ ଦଉଡ଼ି ଉପରେ ଚାଲୁଛି । ସେ ପଡ଼ିବାକୁ ଯାଉଛି । – He is walking on a rope. He is going to fall.


ଡଙ୍ଗାରେ ପାଣି ପଶୁଛି । ଏହା ବୁଡ଼ିବାକୁ ଯାଉଛି । – Water is coming into the boat. It is going to sink.

smartedguide.com

## WORK FOR YOU (ତୁମ ପାଇଁ କାମ)

1. ନିମ୍ନଲିଖିତ ବାକ୍ୟଗୁଡ଼ିକର **Tense, Time, Aspect** ନିର୍ଣ୍ଣୟ କର ।

   (a) He swam across the river.
   (b) I have eaten two eggs today.
   (c) Priya will not take my pen.
   (d) Bablu had not attended classes.
   (e) Mitali does not eat sweets.
   (f) Supriya has not opened the radio.



(g) Will you have answered the questions ?


(h) He has not worked in the garden.

(i) Do you know Hindi ?

(j) What are you doing here ?



**2. Translate into English.** (ଇଂରାଜୀରେ ଅନୁବାଦ କର ।)



(a) ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଏ ।

(b) ସେମାନେ କ୍ରିକେଟ୍ ଖେଳିବେ ନାହିଁ ।

(c) ରୂପାଲୀ ଫୋନ୍ କରିବ କି ?

(d) ତୁମେ କେଉଁଠୁ ଏ ବହିଟି ପାଇଲ ?

(e) ମାନସ ସବୁବେଳେ ପାଟି କରୁଛି ।

(f) ମୁଁ ମୋ ମୋବାଇଲ୍‌ଟି ହଜାଇ ଦେଇଛି ।

(g) ଭାଇ ଆଜି ଘରକୁ ଫେରିବେ କି ?

(h) ଶୋଭା ଆଦୌ ଟିଭି ଦେଖେ ନାହିଁ ।

(i) କୁକୁରଟି ଜୋର୍‌ରେ ଦୌଡୁଛି ।

(j) ମାଧବୀ ସେତେବେଳେ ଜଳଖିଆ ଖାଉଥିଲା କି ?

(k) ଆମେ ଆସନ୍ତାକାଲି ପୁରୀ ଯିବୁ ।

(l) ଶିକ୍ଷକ କାହିଁକି ତୁମକୁ ପିଟିଲେ ?

(m) ଅମର କେବେ ରାମାୟଣ ପଢ଼ିନାହିଁ ।

(n) ସକାଳୁ ବର୍ଷା ହେଉଅଛି ।

(o) କାଠ ପାଣିରେ ଭାସେ ।


(p) ମୁଁ ତୁମକୁ କେଉଁଠି ଦେଖିନାହିଁ ।

(q) ଆସନ୍ତାକାଲି ରବିବାର । ସ୍କୁଲ୍ ବନ୍ଦ ରହିବ ।

(r) କିଏ ତୁମକୁ ଏ କଲମଟି ଦେଲା ?

(s) ସେ ଆମ ଘରକୁ ଆସିଲେ ନାହିଁ ।

(t) ଆମେ ସେତେବେଳେ ଶୋଇପଡ଼ିଥିଲୁ ।





**3. Fill in the blanks.** (ଶୂନ୍ୟସ୍ଥାନ ପୂରଣ କର ।)

(a) Ram and Hari _____ two friends. (is/are)

(b) They _____ two bicycles. (have/has)

(c) It _____ in July. (rain/rains)

(d) The cattle ____ grazing. (is/are)

(e) Sinni ____ to school everyday. (go/goes)

(f) They ____ not finished the work. (have/has)

(g) ____ the boy come here daily ? (Do/Does)

(h) How many books ____ you ? (have/has)

(i) There ____ many trees in the garden. (is/are)

(j) Mother ____ food well. (cook/cooks)




(k) Where ____ you come from ? (have/has)

(l) This house ____ 5 lakhs. (cost/costs)

(m) My mobile ____ not working. (is/are)

(n) Every man ____ two hands. (have/has)

(o) The book ____ three chapters. (contain/contains)



(p) Light has ____ out. (went/gone/goes)

(q) I shall ____ this work. (do/does/did)

**4. Fill in the blanks.**

(a) He ____ ____ ____ since morning. (read)

(b) They ____ ____ the place sometimes ago. (leave)

(c) I ____ ____ cricket now. (play)

(d) Who ____ ____ God ? (see)

(e) Children ____ ____ ____ for me. (wait)

(f) He ____ ____ in time. (come)

(g) The farmer ____ ____ ____ field. (plough)

(h) I ____ ____ ____ the work by evening. (complete)

(i) You ____ not ____ my name. (know)

(j) It ____ ____ for two hours. (rain)



**5. Change into Interrogative and Negative.**

(a) You read English daily.

(b) We have made a mistake.

(c) I will wait for you.

(d) Meena helped the beggar.

(e) Sheela goes to temple daily.

(f) The teacher was teaching.

(g) The bus left the stand.





smarteduguide.com

CHAPTER-3

# PRINCIPAL VERB AND AUXILIARY VERB

Auxiliary verb ବାକ୍ୟର କ୍ରିୟା (verb)କୁ progressive ଓ perfect ରୂପ ପ୍ରଦାନ କରିବା ସହ negative ବା interrogativeରେ ରୂପାନ୍ତରିତ କରିବା ନିମନ୍ତେ ସାହାଯ୍ୟ କରିଥାଏ । ଏଣୁ Auxiliary verbକୁ ସାହାଯ୍ୟକାରୀ verb ବୋଲି ମଧ୍ୟ କୁହାଯାଇଥାଏ । Principal ବା Main verbର ନିଜସ୍ୱ ଅର୍ଥ ଥାଏ । Auxiliary verbର ନିଜସ୍ୱ ଅର୍ଥ ନଥାଏ । ଏହା ଆମକୁ ଉପରୋକ୍ତ କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ । Go ଏକ Principal verb । ଏହାର ଅର୍ଥ ଯିବା । Read ଅର୍ଥ ପଢ଼ିବା ।

Auxiliary verbମାନଙ୍କ ମଧ୍ୟରୁ Be, Have ଓ Do ତିନୋଟି verb ଉଭୟ Principal ଓ Auxiliary ଭାବରେ ବ୍ୟବହାର ହୁଅନ୍ତି ।




smarteduguide.com

## LIST OF AUXILIARY VERBS

| Auxiliary verbs | Infinite | Present Tense | Past Tense | Past participle |
|---|---|---|---|---|
| be | to be | am, is, are | was, were | been |
| have | to have | have, has | had | had |
| do | to do | do, does | did | done |
| shall | – | shall | should | – |
| will | – | will | would | – |



| Auxiliary verbs | Infinite | Present Tense | Past Tense | Past participle |
|---|---|---|---|---|
| can | to be able | can | could | – |
| | | am/is/are | was/were | – |
| | | able to | able to | been able to |
| may | – | may | might | – |
| must | to have to | must | had to | had to |
| need | to need | need | needed | needed |
| ought to | – | ought to | ought to | – |
| dare | to dare | dare | dared | dared |
| used | – | – | used | – |



## 'BE', AS PRINCIPAL VERB

Forms of Be – Is, Am, Are, Was, Were, Being, Been


| Person | Present | Past | Future |
|---|---|---|---|
| First Person | I am | I was | I shall be |
| | We are | We were | We shall be |
| Second (Singular) | You are | You were | You will be |
| Person (Plural) | You are | You were | You will be |
| Third Person | He/She/It is | He/She/It was | He/She/It will be |
| | They/These/Those are | They/These/Those were | They/These/Those will be |



## 'BE' VERB (PRESENT TENSE)



| Affirmative | Negative | Interrogative |
|---|---|---|
| ମୁଁ ଜଣେ ଶିକ୍ଷକ । | ମୁଁ ଶିକ୍ଷକ ନୁହେଁ । | ମୁଁ ଶିକ୍ଷକ କି ? |
| I am a teacher. | I am not a teacher. | Am I a teacher ? |
| ମୁଁ ବୁଦ୍ଧିମାନ୍ । | ମୁଁ ବୁଦ୍ଧିମାନ୍ ନୁହେଁ । | ମୁଁ ବୁଦ୍ଧିମାନ୍ କି ? |
| I am wise. | I am not wise. | Am I wise ? |
| ଆମ୍ଭେମାନେ ଶିକ୍ଷକ । | ଆମ୍ଭେମାନେ ଶିକ୍ଷକ ନୁହଁ । | ଆମ୍ଭେମାନେ ଶିକ୍ଷକ କି ? |
| We are teachers. | We are not teachers. | Are we teachers ? |
| ଆମେ ସାହସୀ । | ଆମେ ସାହସୀ ନୁହଁ । | ଆମ୍ଭେମାନେ ସାହସୀ କି ? |
| We are brave. | We are not brave. | Are we brave ? |



smarteduguide.com

| Affirmative | Negative | Interrogative |
|---|---|---|
| ତୁମେ ଜଣେ ଶିକ୍ଷକ । | ତୁମେ ଜଣେ ଶିକ୍ଷକ ନୁହଁ । | ତୁମେ ଜଣେ ଶିକ୍ଷକ କି ? |
| You are a teacher. | You are not a teacher. | Are you a teacher ? |
| ତୁମେ ଚତୁର । | ତୁମେ ଚତୁର ନୁହଁ । | ତୁମେ ଚତୁର କି ? |
| You are clever. | You are not clever. | Are you clever ? |
| ସେ ଜଣେ ଶିକ୍ଷିକା । | ସେ ଜଣେ ଶିକ୍ଷିକା ନୁହଁ । | ସେ ଜଣେ ଶିକ୍ଷିକା କି ? |
| She is a teacher. | She is not a teacher. | Is she a teacher ? |
| ସେମାନେ ଶିକ୍ଷକ । | ସେମାନେ ଶିକ୍ଷକ ନୁହଁନ୍ତି । | ସେମାନେ ଶିକ୍ଷକ କି ? |
| They are teachers. | They are not teachers. | Are they teachers ? |
| ସେମାନେ ଚତୁର । | ସେମାନେ ଚତୁର ନୁହଁନ୍ତି । | ସେମାନେ ଚତୁର କି ? |
| They are clever. | They are not clever. | Are they clever ? |
| ଏଗୁଡ଼ିକ ଗଛ । | ଏଗୁଡ଼ିକ ଗଛ ନୁହଁନ୍ତି । | ଏଗୁଡ଼ିକ ଗଛ କି ? |
| These are trees. | These are not trees. | Are these trees ? |
| ଏଗୁଡ଼ିକ ଡେଙ୍ଗା । | ଏଗୁଡ଼ିକ ଡେଙ୍ଗା ନୁହଁନ୍ତି । | ଏଗୁଡ଼ିକ ଡେଙ୍ଗା କି ? |
| These are tall. | These are not tall. | Are these tall ? |

## 'BE' VERB (PAST TENSE)

| Affirmative | Negative | Interrogative |
|---|---|---|
| ମୁଁ ଜଣେ ଶିକ୍ଷକ ଥିଲି । | ମୁଁ ଜଣେ ଶିକ୍ଷକ ନଥିଲି । | ମୁଁ ଜଣେ ଶିକ୍ଷକ ଥିଲି କି ? |
| I was a teacher. | I was not a teacher. | Was I a teacher ? |
| ଆମେମାନେ ଶିକ୍ଷକ ଥିଲୁ । | ଆମେମାନେ ଶିକ୍ଷକ ନଥିଲୁ । | ଆମେମାନେ ଶିକ୍ଷକ ଥିଲୁ କି ? |
| We were teachers. | We were not teachers. | Were we teachers ? |
| ତୁମେ ଜଣେ ଶିକ୍ଷକ ଥିଲ । | ତୁମେ ଜଣେ ଶିକ୍ଷକ ନଥିଲ । | ତୁମେ ଜଣେ ଶିକ୍ଷକ ଥିଲ କି ? |
| You were a teacher. | You were not a teacher. | Were you a teacher ? |
| ସେ ଜଣେ ଶିକ୍ଷକ ଥିଲେ । | ସେ ଜଣେ ଶିକ୍ଷକ ନଥିଲେ । | ସେ ଜଣେ ଶିକ୍ଷକ ଥିଲେ କି ? |
| He was a teacher. | He was not a teacher. | Was he a teacher ? |
| ସେମାନେ ଶିକ୍ଷକ ଥିଲେ । | ସେମାନେ ଶିକ୍ଷକ ନଥିଲେ । | ସେମାନେ ଶିକ୍ଷକ ଥିଲେ କି ? |
| They were teachers. | They were not teachers. | Were they teachers ? |

smartedguide.com

## 'BE' VERB (FUTURE TIME)

| Affirmative | Negative | Interrogative |
|---|---|---|
| ମୁଁ ଜଣେ ଶିକ୍ଷକ ହେବି । | ମୁଁ ଜଣେ ଶିକ୍ଷକ ହେବି ନାହିଁ । | ମୁଁ ଜଣେ ଶିକ୍ଷକ ହେବି କି ? |
| I shall be a teacher. | I shall not be a teacher. | Shall I be a teacher ? |
| ଆମ୍ଭେମାନେ ଶିକ୍ଷକ ହେବୁ । | ଆମ୍ଭେମାନେ ଶିକ୍ଷକ ହେବୁ ନାହିଁ । | ଆମ୍ଭେମାନେ ଶିକ୍ଷକ ହେବୁ କି ? |
| We shall be teachers. | We shall not be teachers. | Shall we be teachers ? |
| ତୁମେ ଜଣେ ଶିକ୍ଷକ ହେବ । | ତୁମେ ଜଣେ ଶିକ୍ଷକ ହେବ ନାହିଁ । | ତୁମେ ଜଣେ ଶିକ୍ଷକ ହେବ କି ? |
| You will be a teacher. | You will not be a teacher. | Will you be a teacher ? |
| ସେ ଜଣେ ଶିକ୍ଷକ ହେବେ । | ସେ ଜଣେ ଶିକ୍ଷକ ହେବେ ନାହିଁ । | ସେ ଜଣେ ଶିକ୍ଷକ ହେବେ କି ? |
| He will be a teacher. | He will not be a teacher. | Will he be a teacher ? |
| ସେ ଜଣେ ଶିକ୍ଷିକା ହେବେ । | ସେ ଜଣେ ଶିକ୍ଷିକା ହେବେ ନାହିଁ । | ସେ ଜଣେ ଶିକ୍ଷିକା ହେବେ କି ? |
| She will be a teacher. | She will not be a teacher. | Will she be a teacher ? |
| ସେମାନେ ଶିକ୍ଷକ ହେବେ । | ସେମାନେ ଶିକ୍ଷକ ହେବେ ନାହିଁ । | ସେମାନେ ଶିକ୍ଷକ ହେବେ କି ? |
| They will be teachers. | They will not be teachers. | Will they be teachers ? |

## 'HAVE' AS PRINCIPAL VERB

Have, Has, Had, Having — I/We/You/They have/had — He/She/It has/had

| Simple Present | Simple Past | Future Time | Negative | Interrogative |
|---|---|---|---|---|
| ମୋର ଗୋଟିଏ ଘଣ୍ଟା ଅଛି । | ମୋର ଗୋଟିଏ ଘଣ୍ଟା ଥିଲା । | ମୁଁ ଗୋଟିଏ ଘଣ୍ଟା ପାଇବି । | ମୋର ଘଣ୍ଟା ନାହିଁ । | ମୋର ଗୋଟିଏ ଘଣ୍ଟା ଅଛି କି ? |
| I have (got) a watch. | I had a watch. | I shall have a watch. | I don't have a watch. | Do I have a watch ? |
| | | | I have no watch. | Have I got a watch ? |
| ଆମର ଗୋଟିଏ ଘର ଅଛି । | ଆମର ଗୋଟିଏ ଘର ଥିଲା । | ଆମେ ଗୋଟିଏ ଘର କରିବୁ । | ଆମର ଘର ନାହିଁ । | ଆମର ଘର ଅଛି କି ? |
| We have a house. | We had a house. | We shall have a house. | We don't have a house. | Do we have a house ? |
| | | | We have no house. | Have we got a house ? |
| ତୁମର ଗୋଟିଏ ବିରାଡ଼ି ଅଛି । | ତୁମର ଗୋଟିଏ ବିରାଡ଼ି ଥିଲା । | ତୁମେ ଗୋଟିଏ ବିରାଡ଼ି ପାଇବ । | ତୁମର ବିରାଡ଼ି ନାହିଁ । | ତୁମର ବିରାଡ଼ି ଅଛି କି ? |
| You have a cat. | You had a cat. | You will have a cat. | You don't have a cat. | Have you got a cat ? |
| | | | You have no cat. | |
| କିଟୁର ଗୋଟିଏ ସାଇକେଲ ଅଛି । | କିଟୁର ଗୋଟିଏ ସାଇକେଲ ଥିଲା । | କିଟୁ ଗୋଟିଏ ସାଇକେଲ ପାଇବ । | କିଟୁର ସାଇକେଲ ନାହିଁ । | କିଟୁର ସାଇକେଲ ଅଛି କି ? |
| Kitu has a cycle. | Kitu had a cycle. | Kitu will have a cycle. | Kitu does not have a cycle. | Does Kitu have a cycle ? |


smarteduguide.com

| Simple Present | Simple Past | Future Time | Negative | Interrogative |
|---|---|---|---|---|
| ରୀତାର କେତୋଟି କଣ୍ଢେଇ ଅଛି । | ରୀତାର କେତୋଟି କଣ୍ଢେଇ ଥିଲା । | ରୀତା କେତୋଟି କଣ୍ଢେଇ ପାଇବ । | ରୀତାର ଜମା କଣ୍ଢେଇ ନାହିଁ । | ରୀତାର କେତୋଟି କଣ୍ଢେଇ ଅଛି କି ? |
| Rita has some dolls. | Rita had some dolls. | Rita will have some dolls. | Rita does not have any dolls. | Does Rita have any dolls ? |
| ସେମାନଙ୍କର ଗୋଟିଏ କାର୍ ଅଛି । | ସେମାନଙ୍କର ଗୋଟିଏ କାର୍ ଥିଲା । | ସେମାନେ ଗୋଟିଏ କାର୍ ପାଇବେ । | ସେମାନଙ୍କର କାର୍ ନାହିଁ । | ସେମାନଙ୍କର କାର୍‌ଟିଏ ଅଛି କି ? |
| They have a car. | They had a car. | They will have a car. | They don't have a car. | Do they have a car ?<br>Have they got a car ? |


## MODAL AUXILIARIES

ଗୁଣାବଳୀ : (1) Modal verbଗୁଡ଼ିକର 's' form -'ing' form ଓ Past-participle form ନାହିଁ । go -- goes, going, gone ହେଉଛି, canରୁ କିନ୍ତୁ cans ବା canning ହୁଏ ନାହିଁ । (2) Modal ସବୁ person ପାଇଁ ଏକ form ରେ ରହେ । I go, He goes ହୁଏ । କିନ୍ତୁ I ଓ He ସହ can ବା may ଇତ୍ୟାଦି ବ୍ୟବହାର ହୁଏ ।

**Modal Verb**





| Modal Verb | Meaning | Example |
|---|---|---|
| Shall | With second and third person<br>ଏହା ବକ୍ତାର ଉଦ୍ଦେଶ୍ୟ, ଧମକ, ପ୍ରତିଜ୍ଞା,<br>ଆଦେଶ, ବାଧ୍ୟବାଧକତା ଆଦି ପ୍ରକାଶ କରେ ।<br>Interrogative ବାକ୍ୟରେ ଏହା offer<br>suggestion ଓ advice ଆଦି ପ୍ରକାଶ କରେ ।<br>Let's ସହ tag question ଗଠନରେ ସାହାଯ୍ୟ<br>କରେ । | ପିଲାଟି କଣ୍ଢେଇଟିଏ ପାଇବ ।<br>The child shall get a toy.<br>ମୁଁ ତୁମକୁ ସାହାଯ୍ୟ କରିପାରେ କି ?<br>Shall I help you ?<br>ଆସ ଆମେ ଖେଳିବା, ଖେଳିବା କି ?<br>Let's play, shall we ? |
| Will | ଅଲଂଘ୍ୟ ଆଦେଶ, ସାଧାରଣ ଧମକ, ପ୍ରତିଜ୍ଞା,<br>consent, willingness (with first person)<br>threat (First person) Interrogativeରେ<br>'will' request ବା invitation ଅର୍ଥ ପ୍ରକାଶ କରେ ।<br>ଏ ଅନୁରୋଧ polite ବା formal ନୁହେଁ ।<br>Imperative tag ରେ 'will you ?' ବ୍ୟବହାର<br>ହୁଏ । | ତୁମକୁ ତୁମ ରୁଗ୍ଣ ବନ୍ଧୁଙ୍କ ସେବା କରିବାକୁ ହେବ ।<br>(ଏ ଆଦେଶ ତୁମେ ଭାଙ୍ଗିପାରିବ ନାହିଁ ।)<br>You will attend your sick friend.<br>ମୁଁ ତୁମକୁ ମୋ କାର୍‌ରେ ନେଇଯିବି । (Intention)<br>I will take you in my car.<br>ତୁମେ କବାଟଟି ଦେଇଦେବ କି ?<br>Will you close the door ?<br>ଚିଠିଟା ପକାଇ ଦିଅ, ପକେଇବ ତ ?<br>Post the letter, will you ? |



smarteduguide.com

| | Meaning | Example |
|---|---|---|
| Should | duty, opinion, obligation (ନୈତିକ ବାଧ୍ୟବାଧକତା, advice, wish (ଇଚ୍ଛା), supposition (ଅନୁମାନ), shouldର supposition ଠାରୁ will ର supposition ଅଧିକ confident ଅଟେ । | ତୁମେ ତୁମର ଶିକ୍ଷକଙ୍କ କଥା ମାନିବା ଉଚିତ ।<br>You should obey your teacher.<br>ସେ ଏବେ ଷ୍ଟେସନରେ ଥିବ । (ବକ୍ତା ନିଶ୍ଚିତ)<br>He will be at the station.<br>ସେ ଏବେ ଷ୍ଟେସନରେ ଥିବ । (ବକ୍ତା ଏପରି ଭାବୁଛନ୍ତି)<br>He should be at the station. |
| Would | polite request, past habit, uncertain condition, determination, intention, wish etc. | ଦୟାକରି ମୋତେ ଖବରକାଗଜଟି ଦେବେ କି ?<br>Would you pass me the newspaper ?<br>ପିଲା ଥିବାବେଳେ ସେ ବହୁତ ମିଠା ଖାଉଥିଲା ।<br>When he was a boy he would eat a lot of sweets. |
| Can | ability, permission, possibility, informal request. | ତୁମେ ମତେ ତୁମ ସାଇକେଲଟି ଦେଇପାରିବ କି ?<br>Can you lend me your bi-cycle ?<br>ମୁଁ ଏ କାମଟି କରିପାରିବି ।<br>I can do this work. |
| Could | polite, request, past ability, possibility | ବାହାଘର ପୂର୍ବରୁ ମୀରା ଭଲ ଗୀତ ଗାଇ ପାରୁଥିଲା ।<br>Mira could sing well before her marriage.<br>ମୁଁ ଆପଣଙ୍କ କଲମଟି ବ୍ୟବହାର କରିପାରିବି କି ?<br>Could I use your pen ? |
| May | polite, request, formal, doubt, uncertainty (ଅନିଶ୍ଚିତତା), possibility (ସମ୍ଭାବନା) hope, wish | ମୁଁ ଭିତରକୁ ଆସିପାରେ କି ?<br>May I come in ?<br>ବର୍ଷା ହୋଇପାରେ ।<br>It may rain.<br>ଭଗବାନ ତୁମର ମଙ୍ଗଳ କରନ୍ତୁ ।<br>May God help you ! |









smarteduguide.com

| | Meaning | Example |
|---|---|---|
| Might<br>(Past of<br>'may') | ଅତୀତରେ ଯାହା ଘଟିବାର ଥିଲା<br>କିନ୍ତୁ ଘଟିନାହିଁ, ଉପଦେଶ, gentle reproach,<br>ସମ୍ଭାବନା । | ରୀନା ତା' ଗୋଡ଼ ଭାଙ୍ଗିଥାଆନ୍ତା । (କିନ୍ତୁ ଭାଙ୍ଗିନାହିଁ)<br>Rina might have broken her leg.<br>ତୁମ ବର୍ଷାତିଟା ନିଅ । ବର୍ଷା ହୋଇପାରେ ।<br>Take your raincoat. It might rain. |
| Must<br>(It has<br>no past<br>tense) | moral obligation (କର୍ତ୍ତାଦ୍ୱାରା ସ୍ୱୀକୃତ),<br>duty, ନିଶ୍ଚିତ ଅର୍ଥରେ<br>[Have to obligation<br>ବାହ୍ୟ ପରିସ୍ଥିତିଦ୍ୱାରା ସ୍ୱୀକୃତ ହୁଏ ।]<br> | ତୁମେ ନିଶ୍ଚିତ ଭାବରେ ତୁମ ପାଦ ଧୁଅ । (ଏହା ମୁଁ ଚାହେଁ)<br>You must wash your feet.<br>ମନ୍ଦିର ମଧ୍ୟକୁ ଯିବା ପୂର୍ବରୁ ତୁମକୁ ତୁମ ପାଦ ଧୋଇବାକୁ ହେବ । (ମନ୍ଦିର ନିୟମ ଏହା ଚାହେଁ)<br>You must wash your feet before you enter into the temple.<br>ଆକାଶ ମେଘାଛନ୍ନ । ନିଶ୍ଚୟ ବର୍ଷା ହେବ ।<br>The sky is clouded. It must rain.<br>ଜଣେ ନିଜର କଥା ରଖିବା ଉଚିତ ।<br>One must keep one's word. |
| Need | ଆବଶ୍ୟକ ନୁହଁ, ଏଥିରେ ବାଧ୍ୟବାଧକତା ନଥାଏ । | ତୁମର ଅପେକ୍ଷା କରିବା ଦରକାର ନାହିଁ ।<br>You need not wait. |
| Ought to | duty, moral obligation,<br>probability (ସମ୍ଭାବନା)<br>ଏହା ସହ Must ବା Have to ର<br>ଗୁରୁତ୍ୱ ବା emphasis ନଥାଏ ।<br> | ତୁମେ ଗରିବମାନଙ୍କୁ ସାହାଯ୍ୟ କରିବା ଦରକାର ।<br>You ought to help the poor. |
| Dare | (ସାହସ କରିବା)<br> | ସେ ମୋ ସହିତ ଯୁଦ୍ଧ କରିବାକୁ ସାହସ କରିବ ନାହିଁ ।<br>He daren't fight with me. |
| Used to | (ଅଭ୍ୟସ୍ତ) | ମୁଁ ପୂର୍ବରୁ ଏଠାରେ ରହୁଥିଲି ।<br>I used to live here before. |

smartedguide.com


## WORK FOR YOU (ତୁମ ପାଇଁ କାମ)

1. **Translate into English.**

ସେ ଜଣେ ଡାକ୍ତର । ମୁଁ ତୁମ ଚାକର ନୁହେଁ । ମଧୁ ଜଣେ ଛାତ୍ର ନୁହେଁ । ତାଙ୍କର ଗାଡ଼ି ନଥିଲା । ତୁମର ଚଷମା ଥିଲା କି ? ରାମର ଗୋଟେ ଅଭିଧାନ (Dictionary) ଅଛି । ଏ ଫୁଲର ବାସ୍ନା (smell) ଅଛି । ମନୋଜର କଲମ ନଥିଲା । ଭିକାରୀର ସାଇକେଲ ଥିଲା କି ? ବଗିଚାରେ ଫୁଲ ଥିଲା । ତୁମ ଭାଇ ଜଣେ କଳାକାର (artist) କି ? ସେମାନେ ଚତୁର ନୁହଁନ୍ତି । ମୋର ବ୍ୟବସାୟ (business) ଥିଲା । ତୁମେ ଇଞ୍ଜିନିଅର (engineer) ହେବ କି ? ମାନିନୀ ଗାୟିକା (singer) ଥିଲା । ତୁମର ସାହସ (courage) ନଥିଲା । ମୋ ମା' ଖୁବ୍ ଧର୍ମପରାୟଣା (pious) ଥିଲେ । ତୁମେ ଡ୍ରାଇଭର ହେବ କି ? ସେ ଜଣେ ସରଳ ଲୋକ ଥିଲେ ।



2. 'be' verbକୁ 'main verb' ରୂପେ ବ୍ୟବହାର କରି 5ଟି ବାକ୍ୟ ଲେଖ ।
3. 'be' verbକୁ auxiliary verb ରୂପେ ବ୍ୟବହାର କରି 5ଟି ବାକ୍ୟ ଲେଖ ।
4. 'Have' verbକୁ main verb ରୂପେ ବ୍ୟବହାର କରି 5ଟି ବାକ୍ୟ ଲେଖ ।
5. 'Have' verbକୁ auxiliary verb ରୂପେ ବ୍ୟବହାର କରି 5ଟି ବାକ୍ୟ ଲେଖ ।
6. 'Do' verbକୁ main verb ରୂପେ ବ୍ୟବହାର କରି 5ଟି ବାକ୍ୟ ଲେଖ ।
7. 'Do' verbକୁ auxiliary verb ରୂପେ ବ୍ୟବହାର କରି 5ଟି ବାକ୍ୟ ଲେଖ ।
8. ରେଖାଙ୍କିତ ଶବ୍ଦ **main verb** କିମ୍ବା **auxiliary verb** ଚିହ୍ନାଅ ।




(a) He has got a chance.
(b) Do you play tennis ?
(c) I have two brothers.
(d) Mina will be a doctor.
(e) Your pen is costly.
(f) Was he waiting for me ?
(g) You do your work in time.
(h) They were singing beautifully.
(i) Have you seen a ghost ?
(j) I have a mobile phone.
(k) I am your boss.
(l) Am I going to die ?
(m) You did not help me.
(n) How are you telling lies ?
(o) He has a lot of work to do.



smarteduguide.com

CHAPTER-4


# SENTENCE FORMATION



## Subject and Predicate

ଗୋଟିଏ ବାକ୍ୟରେ ମୁଖ୍ୟତଃ ଦୁଇଟି ଅଂଶ ଥାଏ । ଯଥା : (1) Subject, (2) Predicate ।

ଯିଏ କାମ କରେ, ସିଏ Subject (କର୍ତ୍ତା), କର୍ତ୍ତା ଯାହା କରେ, ଯେତେବେଳେ କରେ, ଯେଉଁଠି କରେ ତାହା ବାକ୍ୟର Predicate ଅଟେ । ଯଥା :



Ram reads English.

Mother is cooking food.

The man will take my bag.


ଏହି ବାକ୍ୟଗୁଡ଼ିକରେ Ram, Mother, The man କର୍ତ୍ତା ଅଟେ । "reads English", "is cooking food", "will take my bag" ଇତ୍ୟାଦି predicate ଅଟେ । କାରଣ, ପ୍ରଥମ ବାକ୍ୟରେ ଇଂରାଜୀ ପଢ଼ିବା କାମ କିଏ କରୁଛି ? ରାମ । ସୁତରାଂ ରାମ ଏହାର Subject । କିଏ ରୋଷେଇ କରୁଛି ? 'ମା' । ସୁତରାଂ 'Mother' କର୍ତ୍ତା ଅଟେ ।

## Sentence Formation

ଓଡ଼ିଆ ବାକ୍ୟକୁ ଇଂରାଜୀରେ ରୂପାନ୍ତରିତ କଲାବେଳେ ଟିକେ ଅସୁବିଧା ହୁଏ । କାରଣ ଓଡ଼ିଆ ବାକ୍ୟରେ କର୍ତ୍ତା ପରେ କର୍ମ କିମ୍ବା କମ୍ପ୍ଲିମେଣ୍ଟ ରହେ । ଶେଷରେ କ୍ରିୟା ରହେ । ଯଥା :

ମୁଁ କଟକ ଯାଏ । ସେ କ୍ରିକେଟ୍ ଖେଳେ ।

ଏଠାରେ ମୁଁ, ସେ – କର୍ତ୍ତା । କଟକ – କମ୍ପ୍ଲିମେଣ୍ଟ । ଯାଏ, ଖେଳେ – କ୍ରିୟା । କ୍ରିକେଟ୍ – କର୍ମ ।



କିନ୍ତୁ ଇଂରାଜୀ ବାକ୍ୟରେ ଟିକେ ଏପଟ ସେପଟ ହୁଏ । ଯଥା :

I Cuttack go ପରିବର୍ତ୍ତେ I go to Cuttack.

He cricket plays ପରିବର୍ତ୍ତେ He plays cricket.

ଆଗରୁ ଆମେ ପଢ଼ିଛେ, Sentence ତିଆରି କରିବାକୁ ଏକ pattern (ଢାଞ୍ଚା) ଅଛି । ଏବେ ସେହି pattern ପ୍ରୟୋଗ କରି Sentence ତିଆରି କରିବା ।


**(1) S + V pattern :**

ବାକ୍ୟଟି ତିଆରି କରିବାକୁ ଅତି କମ୍‌ରେ Subject ଓ Verb ଦରକାର । ଯେମିତି–

The man died. – ଲୋକଟି ମରିଗଲା ।

Sunita slept. – ସୁନୀତା ଶୋଇଲା ।

Iron sinks. – ଲୁହା ବୁଡ଼ିଯାଏ ।





smartenglishguide.com


ମନେରଖ : Imperative Sentence ରେ କେବଳ Verb ଥାଏ । ଏହାର Subject ଲୁଚି ରହିଥାଏ; ଯଥା : 'Come' ର ଏହାର Subject 'You', ଅର୍ଥାତ୍ ବାକ୍ୟଟି ହେବ : You come. – ତୁମେ ଆସ । 'Stop'. ଏହାର ଅର୍ଥ "You stop". ।

(2) **S + V + O pattern :**

ଏଥିରେ Subject ସହିତ Verb ଓ Object ଯୋଡ଼ାଯାଏ । ବାକ୍ୟରେ ଯେଉଁ ଶବ୍ଦ କ'ଣ ଶବ୍ଦର ଉତ୍ତର ଦିଏ ତାହା Object ।

He read English. – ସେ ଇଂରାଜୀ ପଢ଼ିଲା ।

Meera makes toys. – ମୀରା ଖେଳଣା ତିଆରି କରେ ।



You eat rice. – ତୁମେ ଭାତ ଖାଅ ।


(3) **S + V + O + O pattern :**

ଏଥିରେ Subject + Verb + Indirect object + Direct object ଥାଏ । Direct object 'କ'ଣ' ଶବ୍ଦର ଉତ୍ତର ଦିଏ । Indirect object 'whom' (କାହାକୁ) ଶବ୍ଦର ଉତ୍ତର ଦିଏ ।

He gave me a book. – ସେ ମତେ ବହିଟିଏ ଦେଲେ ।

Mother told us a story. – ମା' ଆମକୁ ଗପଟିଏ କହିଲେ ।

Mr. Das teaches us grammar. – ମି. ଦାସ ଆମକୁ ବ୍ୟାକରଣ ପଢ଼ାନ୍ତି ।



(4) **S + V + C pattern :**


ଏଥିରେ Subject, Verb ସହିତ Complement ଥାଏ । ଏହି Complement ଯଦିଓ Object ଭଳି ଲାଗେ ତଥାପି ଏହାର ବ୍ୟବହାର ସ୍ୱତନ୍ତ୍ର । ଏହା be, become, have ଓ ଅନ୍ୟ କେତୋଟି ବିଶେଷ Verb ପରେ ଲାଗେ ।

He is a doctor. – ସେ ଜଣେ ଡାକ୍ତର ।

The sky appears cloudy. – ଆକାଶ ମେଘୁଆ ଦିଶୁଛି ।

The book is on the table. – ବହିଟି ଟେବୁଲ ଉପରେ ଅଛି ।

I have two cows. – ମୋର ଦୁଇଟି ଗାଈ ଅଛନ୍ତି ।



(5) **S + V + O + C pattern :**

ଏହି pattern ରେ Subject ଓ Verb ସହିତ Object ଓ Complement ଥାଏ । ଯଥା :

They made me a king. – ସେମାନେ ମତେ ରାଜା କରିଦେଲେ ।

I found him guilty. – ମୁଁ ତାଙ୍କୁ ଦୋଷୀ ମଣିଲି ।



(6) **S + V + A pattern :**

ଏଥିରେ Subject, Verb ସହିତ Adjunct ଆସେ । ଏହି Adjunct ବାକ୍ୟର ଏକ ଅଦରକାରୀ ଅଂଶ । ଏହାକୁ ବାକ୍ୟରେ ଯୋଡ଼ିଲେ କିମ୍ବା ବାଦ୍‌ଦେଲେ ବାକ୍ୟର ମୂଳ ଅର୍ଥରେ ଫରକ ପଡ଼େନି । ଯେମିତି :

He returned last night. – ସେ ଗତରାତିରେ ଫେରିଲେ ।

The cattle are grazing in the field. – ଗୋରୁଗୁଡ଼ିକ କ୍ଷେତରେ ଚରୁଛନ୍ତି ।

smartedguide.com

(7) **S + V + O + A pattern :**

ଏହି pattern ରେ Subject, Verb, Object ସହିତ Adjunct ଆସେ । ଯଥା :

He played cricket yesterday. – ସେ ଗତକାଲି କ୍ରିକେଟ୍ ଖେଳିଲା ।

I liked your dress very much. – ମୁଁ ତୁମ ପୋଷାକକୁ ବହୁତ ପସନ୍ଦ କଲି ।

## WORK FOR YOU (ତୁମ ପାଇଁ କାମ)



**1. Show the pattern of sentences given below.**

(a) You read newspaper daily.
(b) Do you know English ?
(c) He gave me a packet.
(d) Father is writing a book now.
(e) I have seen Konark many times.
(f) Your face looks ugly.
(g) Shall I do this work ?
(h) What have you got in your bag ?
(i) My mobile has camera system.
(j) Where is your pen ?
(k) He made me a dancer.
(l) I shall help you.
(m) You know their name.
(n) Are you going to Puri tomorrow ?







smarteduguide.com

## CHAPTER-5

# PASSIVE VOICE

Verbକୁ Transitive ଓ Intransitive ଏପରି ଦୁଇ ଭାଗରେ ବିଭକ୍ତ କରାଯାଏ । ଏ ବିଷୟରେ ତୁମେ ପରେ ଜାଣିବ । Transitive verb ର Passive voice ଅଛି ।

Passive voice ବା କର୍ମବାଚକ ବାକ୍ୟରେ କ'ଣ କାମ ହୋଇଛି ବା ହେଉଛି ବା ହେବ ତାହା ଉପରେ ଗୁରୁତ୍ୱ ପ୍ରଦାନ କରାଯାଏ । ଯିଏ କାମଟି କରିଛି ବା କର୍ତ୍ତା ଗୌଣ ରହେ ।

ନିମ୍ନରେ କେତୋଟି **Passive** ବାକ୍ୟର ଉଦାହରଣ ପ୍ରଦାନ କରାଯାଇଛି :

(1) ରାସ୍ତା ମରାମତି ସରିଛି – The road has been repaired.

(2) ମୋ ଚାବି ହଜିଛି – My key is lost.


(3) କବିତାଟିଏ ପଢ଼ାଯିବ – A poem will be taught.

(4) ଚିଠିଟିଏ ଲେଖାହେବ – A letter will be written.

(5) ମୁଁ ୧୯୯୮ ରେ ଜନ୍ମଗ୍ରହଣ କରିଥିଲି – I was born in 1998.

(6) ମିଠା ବଣ୍ଟାଯାଉଛି – Sweets are being distributed.

(7) ଗଛ ଲଗାଯାଉଛି – Trees are being planted.



ମନେରଖ : Passive voice ରେ Verbର ଗୋଟିଏ ମାତ୍ର ରୂପ ବ୍ୟବହାର ହୁଏ । ସେଇଟି ହେଉଛି Past participle ରୂପ ।

**Activeକୁ Passive ରେ ରୂପାନ୍ତର କରିବା ନିୟମ :**

Active : Sub + Verb + Object

Passive : Subject + Be + Past Participle + Object


| Tense | Active Voice | Passive Voice |
|---|---|---|
| Simple Present | ମୁଁ ଭାତ ଖାଏ । | ଭାତ ମୋଦ୍ୱାରା ଖିଆଯାଏ । |
| | I eat rice. | Rice is eaten by me. |
| | ରିଙ୍କୁ ରୁଟି ଖାଏ । | ରିଙ୍କୁଦ୍ୱାରା ରୁଟି ଖିଆଯାଏ । |
| | Rinku eats bread. | (ରୁଟି, ରିଙ୍କୁଦ୍ୱାରା ଖିଆଯାଏ ।) |
| | | Bread is eaten by Rinku. |
| | ସେମାନେ ଅଣ୍ଡା ବିକନ୍ତି । | ଅଣ୍ଡା ସେମାନଙ୍କଦ୍ୱାରା ବିକାଯାଏ । |
| | They sell eggs. | Eggs are sold by them. |

smartedguide.com

| | | |
|---|---|---|
| Present Progressive | ମୁଁ ଭାତ ଖାଉଛି ।<br>I am eating rice. | ଭାତ ମୋଦ୍ୱାରା ଖିଆଯାଉଛି ।<br>Rice is being eaten by me. |
| | ରିଙ୍କୁ ରୁଟି ଖାଉଛି ।<br>Rinku is eating bread. | ରୁଟି ରିଙ୍କୁଦ୍ୱାରା ଖିଆଯାଉଛି ।<br>Bread is being eaten by Rinku. |
| | ସେମାନେ ଅଣ୍ଡା ବିକୁଛନ୍ତି ।<br>They are selling eggs. | ଅଣ୍ଡା ସେମାନଙ୍କଦ୍ୱାରା ବିକାଯାଉଛି ।<br>Eggs are being sold by them. |
| Present Perfect | ମୁଁ ଭାତ ଖାଇଛି ।<br>I have eaten rice. | ଭାତ ମୋଦ୍ୱାରା ଖିଆଯାଇଛି ।<br>Rice has been eaten by me. |
| | ରିଙ୍କୁ ରୁଟି ଖାଇଛି ।<br>Rinku has eaten bread. | ରୁଟି ରିଙ୍କୁଦ୍ୱାରା ଖିଆଯାଇଛି ।<br>Bread has been eaten by Rinku. |
| | ସେମାନେ ଅଣ୍ଡା ବିକିଛନ୍ତି ।<br>They have sold eggs. | ଅଣ୍ଡା ସେମାନଙ୍କଦ୍ୱାରା ବିକାଯାଇଛି ।<br>Eggs have been sold by them. |
| Simple Past | ମୁଁ ଭାତ ଖାଇଲି ।<br>I ate rice. | ଭାତ ମୋଦ୍ୱାରା ଖିଆଗଲା ।<br>Rice was eaten by me. |
| | ରିଙ୍କୁ ରୁଟି ଖାଇଲା ।<br>Rinku ate bread. | ରୁଟି ରିଙ୍କୁଦ୍ୱାରା ଖିଆଗଲା ।<br>Bread was eaten by Rinku. |
| | ସେମାନେ ଅଣ୍ଡା ବିକିଲେ ।<br>They sold eggs. | ଅଣ୍ଡା ସେମାନଙ୍କଦ୍ୱାରା ବିକାଗଲା ।<br>Eggs were sold by them. |
| Past Progressive | ମୁଁ ଭାତ ଖାଉଥିଲି ।<br>I was eating rice. | ଭାତ ମୋଦ୍ୱାରା ଖିଆଯାଉଥିଲା ।<br>Rice was being eaten by me. |
| | ରିଙ୍କୁ ରୁଟି ଖାଉଥିଲା ।<br>Rinku was eating bread. | ରୁଟି ରିଙ୍କୁଦ୍ୱାରା ଖିଆଯାଉଥିଲା ।<br>Bread was being eaten by Rinku. |
| | ସେମାନେ ଅଣ୍ଡା ବିକୁଥିଲେ ।<br>They were selling eggs. | ଅଣ୍ଡା ସେମାନଙ୍କଦ୍ୱାରା ବିକାଯାଉଥିଲା ।<br>Eggs were being sold by them. |
| Past Perfect | ମୁଁ ଭାତ ଖାଇଥିଲି ।<br>I had eaten rice. | ଭାତ ମୋଦ୍ୱାରା ଖିଆଯାଇଥିଲା ।<br>Rice had been eaten by me. |
| | ରିଙ୍କୁ ରୁଟି ଖାଇଥିଲା ।<br>Rinku had eaten bread. | ରୁଟି ରିଙ୍କୁଦ୍ୱାରା ଖିଆଯାଇଥିଲା ।<br>Bread had been eaten by Rinku. |
| | ସେମାନେ ଅଣ୍ଡା ବିକିଥିଲେ ।<br>They had sold eggs. | ଅଣ୍ଡା ସେମାନଙ୍କଦ୍ୱାରା ବିକାଯାଇଥିଲା ।<br>Eggs had been sold by them. |

smarteduguide.com

| | | |
|---|---|---|
| Modals | ମୁଁ ଭାତ ଖାଇବି । | ଭାତ ମୋଦ୍ୱାରା ଖିଆଯିବ । |
| | I shall eat rice. | Rice shall be eaten by me. |
| | ରିଙ୍କୁ ରୁଟି ଖାଇବ । | ରୁଟି ରିଙ୍କୁଦ୍ୱାରା ଖିଆଯିବ । |
| | Rinku will eat bread. | Bread will be eaten by Rinku. |
| | ମୁଁ କାର୍ ଚଳେଇ ପାରିବି । | କାର୍‌ଟି ମୋଦ୍ୱାରା ଚଳାଯାଇ ପାରିବ । |
| | I can drive a car. | Car can be driven by me. |
| Imperative Sentence | ଝରକା ବନ୍ଦ କର । | ଝରକା ବନ୍ଦ କରାଯାଉ । |
| | Close the window. | Let the window be closed. |
| | ପୋଲିସ୍‌କୁ ଖବର ଦିଅ । | ପୋଲିସ୍‌କୁ ଖବର ଦିଆଯାଉ । |
| | Inform the police. | Let the police be informed. |
| Yes/No Question | ତୁମେ ଭାତ ଖାଅ କି ? | ତୁମଦ୍ୱାରା ଭାତ ଖିଆଯାଏ କି ? |
| | Do you eat rice ? | Is rice eaten by you ? |
| | ସେମାନେ ଅଣ୍ଡା ବିକୁଛନ୍ତି କି ? | ସେମାନଙ୍କଦ୍ୱାରା ଅଣ୍ଡା ବିକାଯାଉଛି କି ? |
| | Are they selling eggs ? | Are eggs being sold by them ? |
| | ସେମାନେ ପାଣି ପିଉଛନ୍ତି କି ? | ସେମାନଙ୍କଦ୍ୱାରା ପାଣି ପିଆଯାଉଛି କି ? |
| | Are they drinking water ? | Is water being drunk by them ? |
| Wh-word Questions | ଝରକାକୁ କିଏ ଭାଙ୍ଗିଦେଲା ? | ଝରକା କାହାଦ୍ୱାରା ଭଙ୍ଗାଯାଇଥିଲା ? |
| | Who broke the window ? | By whom was the window broken by ? |
| | ସେ କ'ଣ ବିକୁଛି ? | ତା'ଦ୍ୱାରା କ'ଣ ବିକାଯାଉଛି ? |
| | What is he selling ? | What is being sold by him ? |



## PREPOSITION

At : ନିର୍ଦ୍ଦିଷ୍ଟ ସମୟ, ସ୍ଥାନ, ଗାଁ, ପର୍ବପର୍ବାଣି, ମଧ୍ୟାହ୍ନ, ମଧ୍ୟରାତ୍ରି, ସୂର୍ଯ୍ୟାସ୍ତ, ପ୍ରଭାତ ସହ

In : ଭବିଷ୍ୟତ ସମୟ, ସକାଳ, ସନ୍ଧ୍ୟା, ଅପରାହ୍ନ, ସପ୍ତାହ, ମାସ, ବର୍ଷ, ଋତୁ, ଅନିର୍ଦ୍ଦିଷ୍ଟ ସ୍ଥାନ, ଆବୃତ ସ୍ଥାନ, ସହର, ପଢ଼ିଆ, ଗହଣା, ପୋଷାକ ଇତ୍ୟାଦି ସହ

On : ଦିନ, ଦିନର ଅଂଶ, ଖୋଲା ସ୍ଥାନ, ଗୋଟିଏ ପୃଷ୍ଠ ସହ କିଛି ଲାଗି ରହିଥିଲେ

Across : ଗୋଟିଏ ପଟରୁ ଅନ୍ୟ ପଟକୁ

Along : ଧାରେ ଧାରେ

Between : ଦୁଇଜଣଙ୍କ ମଧ୍ୟରେ

Below : କମ୍ ଉଚ୍ଚତାରେ

Under : ଠିକ୍ ତଳେ

By : ଦ୍ୱାରା

From : ଠାରୁ

Within : ଭିତରେ

At : ଠାରେ

In : ରେ, ଭିତରେ



smarteduguide.com


Above : ଉପରେ

Over : ଠିକ୍ ଉପରେ

Beside : ପାଖରେ

With : ସହିତ

Into : ଭିତରକୁ



Of : ର

By : ଦ୍ୱାରା

For : ପାଇଁ

Since : ଠାରୁ

To : କୁ



ଉଦାହରଣ :

1. Makar Sankranti falls <u>in</u> January.
2. Rohan lives <u>at</u> Nimapara <u>in</u> Puri.
3. The meeting will start <u>at</u> 9 a.m.
4. I will go to Rourkela <u>on</u> Sunday.
5. Your hat is <u>on</u> the table.
6. The cat is <u>under</u> the table.
7. The mouse is <u>below</u> the table.
8. There is a bridge <u>across</u> the river.
9. There is a row of trees <u>along</u> the river bank.
10. The woman <u>in</u> gold necklace is my aunt.
11. Mr. Nayar is a man <u>of</u> common sense.
12. He is a man <u>of</u> fifty.
13. The woman <u>with</u> the basket is our class-teacher.
14. The meeting will be over <u>in</u> five minutes.
15. His aunt works <u>in</u> a bank.



smartedguide.com

## WORK FOR YOU (ତୁମ ପାଇଁ କାମ)

ନିମ୍ନୋକ୍ତ ଶୂନ୍ୟସ୍ଥାନ ସବୁ ଉପଯୁକ୍ତ **Preposition** ଦ୍ୱାରା ପୂରଣ କର ।

1. My book is ____ the table.
2. The dog is sleeping ____ the table.
3. The picture is hanging ____ the wall.
4. The child was born ____ 7 a.m. ____ Friday.
5. Simun is sitting ____ Ram and Hari.




## EXPRESSION OF TIME



1. କେତେଟା ବାଜିଛି ? — What time is it ?
2. ୬ଟା ବାଜିଛି । — It is 6 O'clock.
3. ୯ଟା ବାଜି ୧୦ ମିନିଟ୍ । — It is ten past nine.

| | | |
|---|---|---|
| 4. | ୯ଟା ବାଜିବାକୁ ୧୦ ମିନିଟ୍ ଅଛି । | It is ten to nine. |
| 5. | ସାଢ଼େ ସାତଟା ବାଜିଛି । | It is half past seven. |
| 6. | ଏବେ ରାତି ୯ଟା । | It is 9 O'clock at night. (It is 9 p.m.) |
| 7. | ଏବେ ମଧ୍ୟାହ୍ନ । | It is noon. |
| 8. | ଏବେ ମଧ୍ୟରାତ୍ର । | It is midnight. |
| 9. | ଏବେ ସକାଳ ୬ଟା । | It is 6 O'clock in the morning. (It is 6 a.m.) |
| 10. | ଏବେ ଅପରାହ୍ନ ୨ଟା । | It is 2 p.m. (It is 2 O'clock in the afternoon) |
| 11. | ମୁଁ ସକାଳ ୬ଟାରେ ଉଠେ । | I get up at 6 in the morning. |
| 12. | ମୁଁ ସକାଳ ୯ଟାରେ ସ୍କୁଲକୁ ଯାଏ । | I go to school at 9 a.m. (I go to school at 9 O'clock in the morning.) |




## CONVERSATION











| | |
|---|---|
| ତୁମେ କେଉଁଠାରୁ ଆସିଛ ? | ମୁଁ ବ୍ରହ୍ମପୁରରୁ ଆସିଛି । |
| Where have you come from ? | I have come from Berhampur. |
| ତୁମର ନାମ କ'ଣ ? | ଶୋଭନ ଠାକୁର । |
| What's your name ? | My name is Sobhan Thakur. |
| ତୁମ ବାପାଙ୍କ ନାମ କ'ଣ ? | ସୁମନ ଠାକୁର । |
| What's your father's name ? | My father's name is Suman Thakur. |
| ତୁମ ବାପା କ'ଣ ଅଟନ୍ତି ? | ମୋ ବାପା ଜଣେ ଶିକ୍ଷକ । |
| What is your father ? | My father is a teacher. |
| ତୁମ ମା'ଙ୍କ ନାମ କ'ଣ ? | ସଙ୍ଗୀତା ଠାକୁର । |
| What is your mother's name ? | My mother's name is Sangita Thakur. |
| ତୁମ ମା' କ'ଣ ଅଟନ୍ତି ? | ମୋ ମା' ଜଣେ ବ୍ୟାଙ୍କ କର୍ମଚାରୀ । |
| What's your mother ? | My mother is a bank employee. |
| ତୁମର କେତେ ଭାଇଭଉଣୀ ଅଛନ୍ତି ? | ମୁଁ ମୋ ବାପା-ମା'ଙ୍କର ଏକମାତ୍ର ସନ୍ତାନ । |
| How many brother and sisters have you ? | I am the only child of my parents. |
| ତୁମେ କେଉଁ ଶ୍ରେଣୀରେ ପଢୁଛ ? | ମୁଁ ୪ର୍ଥ ଶ୍ରେଣୀରେ ପଢୁଛି । |
| What class do you read in ? | I am in class IV. |
| ତୁମେ କେଉଁ ସ୍କୁଲ୍‌ରେ ପଢୁଛ ? | ମୁଁ Sky-High Public Schoolର ଛାତ୍ର । |
| In which school do you read ? | I read in Sky-High Public School. |

smarteduguide.com

ତୁମକୁ କେତେ ବର୍ଷ ?

How old are you ?

ତୁମେ ସାଙ୍ଗରେ କ'ଣ ନେଉଛ ?

What are you carrying with you ?

ତୁମ ବ୍ୟାଗ୍‌ରେ କ'ଣ ଅଛି ?

What have you got in your bag ?

ତୁମେ ପାଢ଼ୀବାବୁଙ୍କ ଝିଅ କି ?

Are you Padhi Baboo's daughter ?

ସେ ପାଗଳ କି ?

Is he mad ?

ଶୁଭ ସକାଳ ।

Good morning.

ଶୁଭ ରାତ୍ର ।

Good night.

ମତେ ୯ ବର୍ଷ ।

I am 9 years old.

ମୁଁ ସାଙ୍ଗରେ ଗୋଟିଏ ବ୍ୟାଗ୍ ନେଉଛି ।

I am carrying a bag with me.

ମୋ ବ୍ୟାଗ୍‌ରେ ମୋର ପୋଷାକ ଓ କିଛି ବହିପତ୍ର ଅଛି ।

I have got my clothes and a few books in my bag.

ହଁ, ପାଢ଼ୀବାବୁଙ୍କ ଝିଅ ।

Yes, I am.

ହଁ, ସେ ପାଗଳ ।

Yes, he is.

ଧନ୍ୟବାଦ ।

Thank you.

ଅଭିନନ୍ଦନ ।

Congratulations.





smartedguide.com